ଧରିତ୍ରୀ
DHARITRI
ମଙ୍ଗଳବାର, ୩୧ ଅଗଷ୍ଟ ୨୦୨୧



## ସଂକ୍ଷେପରେ

### ଉତ୍କଳ ଯାଦବ ମହାସଭାର ସାଙ୍ଗଠନିକ ବୈଠକ

ରେମୁଣା,୩୦।୮(ଡି.ଏନ.ଏ.)- ଉତ୍କଳ ଯାଦବ ମହାସଭା ବାଲେଶ୍ୱର ଜିଲା ଆନୁକୂଲ୍ୟରେ ବରୁଣସିଂ ମଣ୍ଡଗାଁ ସ୍ଥିତ ଶ୍ୟାମରାଇ ମନ୍ଦିରରେ ସୋମବାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ରାଧାକୃଷ୍ଣ ବେଶ, ସାଂସ୍କୃତିକ କାର୍ଯ୍ୟକ୍ରମ, ବାଡ଼ି ଖେଳ ଆଦି ପରିବେଷଣ କରାଯାଇଥିଲା। ଯାଦବ ଜାତିର ଉନ୍ନତି ଏବଂ ଶ୍ରୀକୃଷ୍ଣଙ୍କ ନାମକୁ ଘରେ ଘରେ ପ୍ରଚାର ଓ ପ୍ରସାର କରାଯିବା ଉପରେ ମହାସଭାର ସଭାପତି ମନୋଜ କୁମାର ଦାସ ବକ୍ତବ୍ୟ ଦେଇଥିଲେ। ସଭାରେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଜିଲା ମହିଳା ସଭାପତି ଭାବେ ଗୀତାଞ୍ଜଳି ବାରିକ ଏବଂ ଜିଲା ସମ୍ପାଦିକାଭାବେ ଶର୍ମିଳା ବାରିକଙ୍କୁ ମନୋନୀତ କରାଯାଇଥିଲା। ଯାଦବ ମହାସଭାର ଯୁବ କାର୍ଯ୍ୟକାରୀ ସଭାପତିଭାବେ କୈଳାସ ଯାଦବ ଏବଂ ରେମୁଣା ବ୍ଲକ ଯୁବ ସଭାପତିଭାବେ ଜୟହିନ୍ଦ୍ ଯାଦବଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଜିଲା ସମ୍ପାଦକ ତଥା ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଉପଦେଷ୍ଟା ଶଶୀକାନ୍ତ ବାରିକ, ଯୁବ ସମ୍ପାଦକ ସୁବ୍ରତ ବାରିକ, ଜିଲା କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ ଦାସ, ଶୁଶୋଭନ ବାରିକ, ସଙ୍ଗଠନ ସମ୍ପାଦକ ମାଧବାନନ୍ଦ ଦାସ, ଯୁବ ସଭାପତି ରାଜେଶ ମହାକୁଡ଼, ରେମୁଣା ବ୍ଲକ ସଭାପତି ଅଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଜଳେଶ୍ୱର ପୌରାଞ୍ଚଳ ସମସ୍ୟା ସମାଧାନ ଲାଗି ଅଣ୍ଟା ଭିଡ଼ିଲା ଭାଜପା

ଜଳେଶ୍ୱର,୩୦।୮(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ପୌରାଞ୍ଚଳ ବହୁ ସମସ୍ୟାରେ ଗତି କରୁଛି ବୋଲି ଭାଜପା ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ୧୭ଟି ୱାର୍ଡ଼ ବିଶିଷ୍ଟ ଏହି ପୌରାଞ୍ଚଳରେ ଏବେବି ଆଲୋକୀକରଣ, ପାଣି ନିଷ୍କାସନ, ପ୍ରମୋଦ ଉଦ୍ୟାନ, ସ୍ଥାୟୀ ବସ୍ଷ୍ଟାଣ୍ଡ, କଲ୍ୟାଣ ମଣ୍ଡପ, ଟ୍ରାଫିକ୍ ବ୍ୟବସ୍ଥା, ଅପରାଧ ରୋକିବାଲାଗି ସିସିଟିଭି ବ୍ୟବସ୍ଥା ଓ କୁଟୀରଶିଳ୍ପ ପାଲଟିଥିବା ମାଦକଦ୍ରବ୍ୟ ଉଚ୍ଛେଦର ବ୍ୟବସ୍ଥା ହୋଇପାରି ନ ଥିବାରୁ ଲୋକେ ବହୁ ହଇରାଣ ହରକତର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ବେକାରୀ, ଷ୍ଟାଡ଼ିୟମର ବ୍ୟବସ୍ଥା ହୋଇ ପାରି ନ ଥିବା ଭାଜପା ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ହେଲେ ସମସ୍ୟାର ସମାଧାନ ହେବା ସହିତ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇବ ବୋଲି ଟାଉନ୍ ସଭାପତି ଫାଲଗୁନୀ ପାଣିଗ୍ରାହୀ ଓ ଯୁବମୋର୍ଚ୍ଚା ସଭାପତି ରବୀନ୍ଦ୍ର ପାତ୍ର ପ୍ରେସ୍ ଇସ୍ତାହାରରେ କହିଛନ୍ତି।

# ସରୁନି ଗହିରାଖାଳ ସେତୁ କାମ

- ଅବଧିର ୬ ମାସ ବିତିଲା
- ବିପଦ ସାଜିଛି ଅସ୍ଥାୟୀ ଝୁଲା ପୋଲ
- ଜରୁରୀ ସେବା ପ୍ରଭାବିତ

ଜଳେଶ୍ୱର,୩୦।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଳିକଠାରୁ ବଜାରଶୋଳ ଭାୟା ଫେରିଘାଟ ରାସ୍ତାରେ ଏକ ବିଜୁ ସେତୁ ନିର୍ମାଣ ଚାଲିଥିବା ବେଳେ ଅବଧିର ୬ ମାସ ବିତିଥିଲେ ମଧ୍ୟ ଏହା ଅଧାପାନ୍ତରିଆ ହୋଇ ପଡ଼ି ରହିଛି। ଅନ୍ୟପକ୍ଷରେ ଯାତାୟାତ ଲାଗି ସେଠାରେ ନିର୍ମାଣ ହୋଇଥିବା ଅସ୍ଥାୟୀ ଝୁଲା ପୋଲଟି ବିପଦ ସଂକୁଳ ଅବସ୍ଥାରେ ରହିଛି। ଫଳରେ ଉକ୍ତ ଅଞ୍ଚଳକୁ କୌଣସି ଜରୁରୀ ସେବାଲାଗି ଯାନବାହନ ଯାତାୟାତ କରିପାରୁ ନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଜଳେଶ୍ୱର ବ୍ଲକକୁ ସୁବର୍ଣ୍ଣରେଖା ନଦୀ ଦୁଇଭାଗରେ ବିଭକ୍ତ କରିଛି। ନଦୀର ପୂର୍ବପଟେ ଜଳେଶ୍ୱର ଅଞ୍ଚଳର ୨୧ ପଞ୍ଚାୟତ ଥିବା ବେଳେ ନଦୀର ପଶ୍ଚିମପଟେ ରାଇବଣିଆ ଅଞ୍ଚଳର ୧୪ ପଞ୍ଚାୟତ ରହିଛି। ସେଥିମଧ୍ୟରୁ ଶ୍ରୀରାମପୁର, ଦକ୍ଷିଣ ପ୍ରହରାଜପୁର, କାଳିକ, ଖୁଦିଆମାଝିସାହି, ମାକିଡିଆ ପଞ୍ଚାୟତକୁ ଯିବାଲାଗି କାଳିକଠାରୁ ବଜାଶୋଳ ଭାୟା ସୁବର୍ଣ୍ଣରେଖା ଫେରିଘାଟ ରାସ୍ତା ନିର୍ମାଣ ହୋଇଛି। କିନ୍ତୁ ଏହି ରାସ୍ତାର ୧୬.୩୦୦ କି.ମି.ଠାରେ ଗହିରାଖାଳ ନାମକ ଏକ ଗଭୀର ଖରସ୍ରୋତା ନାଳ ରହିଛି। ୨୦୧୯ ସେପ୍ଟେମ୍ବର ୧୬ରେ ଏଠାରେ ବିଜୁସେତୁ ନିର୍ମାଣ ଆରମ୍ଭ ହୋଇଥିଲା। ଏଥିଲାଗି ୬କୋଟି ୯ଲକ୍ଷ୫୦ହଜାର ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ସେତୁର ଦୈର୍ଘ୍ୟ ୪୫ମିଟର ଓ ପ୍ରସ୍ଥ ୭.୫ ମିଟର ରହିଛି। ନିର୍ମାଣ କାର୍ଯ୍ୟ ୨୦୨୧ ମାର୍ଚ୍ଚ ୧୫ରେ ଶେଷ ହେବାକୁ ଥିବା ବେଳେ ଏବେ ଏହା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏପରିକି ତ୍ରୁଟିପୂର୍ଣ୍ଣ କାର୍ଯ୍ୟଯୋଗୁ ନିର୍ମାଣ ହେଉଥିବା ପୋଲର ଏକ ପିଲର ଗୋଟିଏ ପଟକୁ ଦବି ଯାଇଛି। ତେଣୁ ସେଠାରେ ଯାତାୟାତ ଲାଗି ଅସ୍ଥାୟୀଭାବେ ଏକ ଝୁଲାପୋଲ ନିର୍ମାଣ ହୋଇଥିବା ବେଳେ ଏବେ ଏହା ବିପଦ ସଂକୁଳ ଅବସ୍ଥାରେ ରହିଛି। ଯେ କୌଣସି ସମୟରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଉକ୍ତ ଅଞ୍ଚଳକୁ ଆମ୍ବୁଲାନ୍ସ, ଦମକଳ ଓ ପୋଲିସ ଗାଡି ଯାଇପାରୁ ନ ଥିବାରୁ ଲୋକଙ୍କୁ ନ୍ୟାୟ ମିଳିପାରୁନାହିଁ। ଅଞ୍ଚଳକୁ ଗୃହ ନିର୍ମାଣ ଲାଗି ସରଞ୍ଜାମ ଯାଇପାରୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ଏକପ୍ରକାର ଠପ୍ ହୋଇ ଯାଇଛି। ଏସଂକ୍ରାନ୍ତରେ ଗ୍ରାମ୍ୟଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଇଂ.ବିଜୟ କୁମାର ଦାସ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଲମ୍ବୋଦର କରଙ୍କୁ ପଚାରିବାରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଦେଖାଦେଲେ ନଦୀର ପାଣି ପୋଲ ନିର୍ମାଣରେ ବାଧକ ସାଜୁଛି। ଆସନ୍ତା ଡିସେମ୍ବର ସୁଦ୍ଧା କାର୍ଯ୍ୟ ସରିବ ବୋଲି ଉଭୟ ଅଧିକାରୀ କହିଛନ୍ତି।


ଅଧାପାନ୍ତରିଆ ଗହିରା ବିଜୁ ସେତୁ।

## ମେଧା,ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ଖଇରା,୩୦।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବୁଢ଼ାଗଡ଼ିଆଠାରେ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ରବିବାର ମେଧା ଛାତ୍ରୀ, ବରିଷ୍ଠ ନାଗରିକ ଓ ପରିବେଶବିତମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂସଦର ସଭାପତି ସୁଦାମ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାମଚନ୍ଦ୍ର ଦାସ ବିବରଣୀ ପାଠ ଓ ସୁବାସ ଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭ୍ୟ କାଳି ପ୍ରସାଦ ପଣ୍ଡା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ରାଉତ ମୁଖ୍ୟବକ୍ତା ଏବଂ ବୈକୁଣ୍ଠନାଥ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ମାଟ୍ରିକ ପରୀକ୍ଷାରେ ପଳାସପୁର ହାଇସ୍କୁଲରୁ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଶ୍ରାବଣୀ ସାଗରିକା ସାମଲ, ସ୍ମୃତିପ୍ରଜ୍ଞା ଖଣ୍ଡା, ମଧୁସ୍ମିତା ବେହେରା, ପ୍ରତିମା ପାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପରିବେଶବିତ ପଦ୍ମଲୋଚନ ଜେନା, ଗାଳ୍ପିକ ସତ୍ୟପ୍ରକାଶ ସେଠୀ,ବରିଷ୍ଠ ନାଗରିକ ଭଗବାନ ଦାସ ଓ ଉପେନ୍ଦ୍ର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୫୦ଜଣ ବୃଦ୍ଧା ଓ ବୃଦ୍ଧଙ୍କୁ ଛତା ବଣ୍ଟନ କରାଯାଇଥିଲା। ବିଭୂତି ରାଉତ, ଉପେନ୍ଦ୍ର ଭୂୟାଁ, କୁଞ୍ଜଲତା ମାହୁନ୍ତ ସହଯୋଗ କରିଥିଲେ।


ଜଣେ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ରାସ୍ତାକଡ଼ରୁ ଉଦ୍ଧାର ବୃଦ୍ଧଙ୍କ ମୃତ୍ୟୁ

ରୂପସା,୩୦।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ରାଜଘାଟ ଓ ଭେଲୋରା ମଧ୍ୟରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ି ରହିଥିବା ଜଣେ ବୃଦ୍ଧଙ୍କୁ ରବିବାର ଉଦ୍ଧାର କରାଯାଇଥିଲା। ଜାତୀୟ ରାଜପଥ ପାଟ୍ରୋଲିଂ ଭ୍ୟାନ୍‌ର କର୍ମଚାରୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ବୃଦ୍ଧଙ୍କ ପରିଚୟ ମିଳି ପାରି ନାହିଁ।

# କଣ୍ଟ୍ରୋଲ ରୁମ୍‌ରେ ପକାଇଲେ ତାଲା


ବିକ୍ଷୋଭ ପ୍ରଦର୍ଶନ କରୁଥିବା ଉପଭୋକ୍ତାମାନେ।

### ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ଉପଭୋକ୍ତାଙ୍କ ବିରୋଧ

ରୂପସା,୩୦।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଜାମଶୂଳି ବିଦ୍ୟୁତ୍ ସବ୍‌ଡ଼ିଭିଜନ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ, ଲୋ ଭୋଲଟେଜ୍ ଆଦି ସମସ୍ୟା ସହ ବିଲ୍‌ରେ ବହୁ ଅଧିକ ଟଙ୍କା ଆସୁଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ରବିବାର ଉପଭୋକ୍ତାମାନେ ସବ୍‌ଡ଼ିଭିଜନ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିରହିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କର୍ମଚାରୀଙ୍କର ମନମୁଖି କାର୍ଯ୍ୟ ଓ ବାରମ୍ବାର ବିଦ୍ୟୁତ୍ କାଟ ପ୍ରତିବାଦରେ ଶତାଧିକ ଉପଭୋକ୍ତା ଡିଭିଜନ ଅଫିସର କଣ୍ଟ୍ରୋଲ ରୁମରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏହି ବିଦ୍ୟୁତ୍ ଡିଭିଜନ ଅନ୍ତର୍ଗତ ସିଂଲା, ପାଉଁଶକୁଲି, କରୁଆ, ଜାମଶୂଳି ଆଦି ପଞ୍ଚାୟତରେ ପ୍ରତିଦିନ ଅଘୋଷିତ ବିଦ୍ୟୁତ୍ କାଟ, ଲୋ ଭୋଲଟେଜ୍, ସାମାନ୍ୟ ପବନରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହେବା ସହ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଲାଗି ରହିଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ପୂର୍ବାପେକ୍ଷା ଅଧିକ ବିଲ୍‌କୁ ଆସୁଥିବାରୁ ଉପଭୋକ୍ତାମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କର୍ତ୍ତୃପକ୍ଷ ସମସ୍ୟାର ସମାଧାନ କରୁ ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ବିରୋଧ କରୁଥିବା ଉପଭୋକ୍ତାଙ୍କ ଘରେ ଉଦ୍ଦେଶ୍ୟ ମୂଳକ ଭାବେ ଚଢ଼ାଉ କରାଯାଇ ସେମାନଙ୍କଠାରୁ ଫାଇନ୍ ଆଦାୟ କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି।

## ବିଶ୍ୱବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ରୂପସା,୩୦।୮(ଡି.ଏନ.ଏ.)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ବିଜ୍ଞାନ ପ୍ରାଣୀ ବିଜ୍ଞାନ ବିଭାଗରେ ସର୍ବାଧିକ ୯୧ ପ୍ରତିଶତ ନମ୍ବର ରଖି ବସ୍ତା ଅଞ୍ଚଳର ଭାରତୀ ଗୁପ୍ତା ଟପ୍ପର ହୋଇଛନ୍ତି। ପିତା ମୋହନ ଗୁପ୍ତା ଓ ମା' ମୀନା ଗୁପ୍ତା, ବଡ଼ବାପା ଅନିଲ କୁମାର ଗୁପ୍ତାଙ୍କ ଉପସ୍ଥିତିରେ ରବିବାର କୃତୀ ଛାତ୍ରୀ ଭାରତୀଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଓ ବିଜନ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା ଓ ଛାତ୍ର କଂଗ୍ରେସ ନେତା ଦ୍ୟୁତିକୃଷ୍ଣ ଦାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲା କଂଗ୍ରେସ ସମ୍ପାଦିକା ସରପଞ୍ଚ ପ୍ରଣତୀ ସାହୁ, ସମିତିସଭ୍ୟ ରବୀନ୍ଦ୍ର କୁମାର ଦାସ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ନାୟକ, ଯୁବକଂଗ୍ରେସ ସଭାପତି ଶୁଶାନ୍ତ କୁମାର ପରିଡ଼ା, କମଳ ଜେନା, ପଞ୍ଚାୟତ ସଭାପତି ନାଲୁ ଚରଣ ପୃଷ୍ଟି, ତପନ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଟପ୍ପର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମହାନଦୀ କୋଲଫିଲ୍ଡସ ଲିମିଟେଡ୍
MCL
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5069

ODISHA COOPERATIVE TASAR & SILK FEDERATION LTD. (SERIFED)
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in
No.VI-28(09)/Serifed/2021-22/744 Dt.27.08.2021
CORRIGENDUM NOTICE
Corrigendum to Bid Identification No :-
VI-28(09)/SERIFED/2021-22/813/Dt.13.07.2021
Online Tender for the work **"Construction, Interior and Exterior Decoration of Multistoried Mega Showroom of Boyanika"** at Bargarh could not be available in e-procurement portal due to some technical reasons. The tender will be available in e-portal from **06.09.2021** upto **5.00 PM** on **29.09.2021** and will be opened at **11.30 AM** on **30.09.2021**.
Sd/-
MANAGING DIRECTOR

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ରୂପସା,୩୦।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ବସ୍ତା ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସେକ ସବୀର।

ଗତ ୧୦ ତାରିଖରେ ପରିବାର ଲୋକେ ଏକ ବାହାଘର କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଅଭିଯୁକ୍ତ ସବୀର ନିଜର ଦୁଇଜଣ ସାଙ୍ଗଙ୍କ ସହିତ ନାବାଳିକାଙ୍କୁ ଡାକିନେଇ ଏକ କୋଠରୀରେ ବଳାତ୍କାର କରିଥିଲେ। ପରେ ନାବାଳିକାଙ୍କ ଉଲଗ୍ନ ଫଟୋକୁ ମୋବାଇଲରେ ରେକର୍ଡିଂ କରିଥିଲେ। ଏକଥା ବାହାରେ ପ୍ରକାଶ କଲେ ଭିଡିଓ ଭାଇରାଲ କରିବାର ଧମକ ଦେଇଥିଲେ। ପୁଣି ଗତ ୧୩ ତାରିଖରେ ନାବାଳିକାଙ୍କୁ ଅଭିଯୁକ୍ତମାନେ ଫୋନ ଯୋଗେ ଡାକିଥିଲେ। ସେ ଆସିବା ପାଇଁ ମନା କରିଥିଲେ। ଭୟରେ ନାବାଳିକା ଜଣକ ୧୫/୧୬ ଦିନ ଘରୁ ନ ବାହାରିବାରୁ ଅଭିଯୁକ୍ତମାନେ ସୋସିଆଲ ମିଡିଆରେ ଅଶ୍ଳୀଳ ଭିଡିଓ ଭାଇରାଲ କରିଥିଲେ। ଏହା ଜାଣିବା ପରେ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗାଁ ଲୋକଙ୍କ ଉପସ୍ଥିତିରେ ଆପୋଷ ବୁଝାମଣା ହେବାର ସିଦ୍ଧାନ୍ତ ହୋଇଥିଲା। ମାତ୍ର କୌଣସି ସମାଧାନ ନ ହେବାରୁ ପୀଡ଼ିତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଶନିବାର ପୋଲିସ ଏକ ମାମଲା (ନଂ.୨୫୫/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ମୃତ ସୁଦର୍ଶନଙ୍କ ପରିବାରକୁ ମିଳିଲା ଖାଦ୍ୟ

ଖଇରା,୩୦।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଗ୍ରାମର ସୁଦର୍ଶନ ବିଶ୍ୱାଳ ଅଜଣା ରୋଗରେ ମୃତ୍ୟୁ ବରଣ କରିଥିଲେ। ତାଙ୍କ ସ୍ତ୍ରୀ ତଥା ୩ ଶିଶୁ ସନ୍ତାନ ଖାଦ୍ୟ ଚିନ୍ତାରେ ଦିନ ଗଣୁଥିଲେ। ଏଭଳି ଦୁଃଖ ସମୟରେ ସ୍ଥାନୀୟ ଆୟୁଷ୍ମାନ ଫାଉଣ୍ଡେସନ ପହଞ୍ଚି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ସଙ୍ଗଠନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କ ନିର୍ଦ୍ଦେଶକ କ୍ରମେ ସଦସ୍ୟ ପ୍ରଦୀପ କୁମାର ଦାସ, ବିକାଶ ଚୌଧୁରୀ, ବିଜନ ଚୌଧୁରୀ, ମହେନ୍ଦ୍ର ଦାସ, ରମାକାନ୍ତ ସାହାଣୀ, ସନ୍ତୋଷ ରାଉତ, ଅଶୋକ ଲେଙ୍କା, ଅଭୟ ମହାନ୍ତି, କମଳାକାନ୍ତ ନାୟକ ପ୍ରମୁଖ ପରିବାରକୁ ଭେଟି ୨ମାସର ରାଶନ ସାମଗ୍ରୀ ପ୍ରଦାନ କରିବା ସହ ସମବେଦନା ଜ୍ଞାପନ କରିଥିଲେ।

OFFICE OF THE DISTRICT MANAGER
ODISHA STATE CIVIL SUPPLIES CORPORATION LTD. (OSCSC)
PURI DISTRICT
Phone : 06752-222228, District Web site : www.puri.nic.in
Tender No. 2658 Date : 27.08.2021
District Manager, Odisha State Civil Supplies Corporation Ltd., Puri (District) invites re-tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of foodgrains from FSD, FCI to RRCs. |
| 2 | Availability of bid document in the portal | From **02.09.2021** (Date) |
| 3 | Last Date / Time for receipt of bids in the portal | Dt.**09.09.2021** up to **04.00 PM** |
| 4 | Date/Time of Opening of Technical bid | Dt.**13.09.2021** at **11.30 AM** |
| 5 | Name and address of Officer Inviting Tender | **District Manager**, OSCSC Ltd., Puri District |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd/-
District Manager,
O.S.C.S.C. Ltd., Puri

# 'ଏକଜୁଟ ହୋଇ ସଙ୍ଗଠନ ସୁଦୃଢ଼ କର'


ବୈଠକରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତା ଓ କର୍ମୀମାନେ।

### ଭାଜପାର ସାଙ୍ଗଠନିକ ବୈଠକ

ରସାଲପୁର,୩୦।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ଗେଣ୍ଡୁଟି ପଞ୍ଚାୟତର କଣ୍ଟାବଣିଆଠାରେ ଭାଜପାର ସାଙ୍ଗଠନିକ ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ବୈଠକରେ ଯୋଗଦେଇ ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ସମସ୍ତ କର୍ମୀ ଏକଜୁଟ୍ ହୋଇ ସଙ୍ଗଠନକୁ ସୁଦୃଢ଼ କରିବା ସହ ମୋଦି ସରକାରଙ୍କ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିବା, ପ୍ରତି ୱାର୍ଡ଼ରେ ୨୦ଜଣଙ୍କୁ ନେଇ ୱାର୍ଡ଼ କମିଟି ଗଠନ ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି ଯୋଗଦେଇ ମୋଦି ସରକାରଙ୍କ ଜନହିତ କାର୍ଯ୍ୟ ଗ୍ରାମାଞ୍ଚଳର ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ସମସ୍ତେ ଏକଜୁଟ୍ ହେବା ସହିତ ପଞ୍ଚାୟତ ଦଖଲ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ୮, ୯, ୧୦ ନମ୍ବର ୱାର୍ଡ଼ର ୩୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଯୋଗଦେଇଥିଲେ। ସରପଞ୍ଚ ବିରୁପାକ୍ଷ ମହାପାତ୍ର, ମଣ୍ଡଳ ସଭାପତି ପୀତାମ୍ବର ମହାପାତ୍ର, ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ସହ ପଞ୍ଚାୟତ ଦଖଲ ନିମନ୍ତେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ପଞ୍ଚାୟତ ସଭାପତି କମଳାକାନ୍ତ ଗୋଚ୍ଛାୟତ ସଭାପତିତ୍ୱ କରିଥିବା ବେଳେ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ସଙ୍ଗଠକ ସୁଶାନ୍ତ କୁମାର ପରିଡ଼ା, ଉପେନ୍ଦ୍ର ରାଉତ, ଶ୍ରୀହରି ରାଉତଙ୍କ ସମେତ ୩ଟି ୱାର୍ଡ଼ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରୋଗୀଙ୍କୁ ଖାଦ୍ୟ ବଣ୍ଟନ

ରୂପସା,୩୦।୮(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଆଚ୍ଛା ସଙ୍ଗଠନ ପକ୍ଷରୁ ରୋଗୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ସଂଗଠନର ଜିଲା କାର୍ଯ୍ୟକାରୀ ସଭାପତି ପ୍ରଣୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ପାଉଁରୁଟି, କ୍ଷୀର, ବିସ୍କୁଟ ଆଦି ପ୍ରଦାନ କରିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ପ୍ରଣୟ ମହାପାତ୍ରଙ୍କ ସମେତ ରାମଚନ୍ଦ୍ର ମାଝୀ, ସନ୍ତୋଷ କୁମାର ପଣ୍ଡିତ, ତପନ ବର ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର ଏହିଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଛି।

କଟକ ମହାନଗର ନିଗମ
ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୧ ପାଳନ
ଅବସରରେ ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
No.C-845:-
କଟକ ସହରର ସଚେତନ ନାଗରିକମାନଙ୍କୁ ନିବେଦନ
- ଯଦି ଆପଣଙ୍କ ନିକଟରେ କିମ୍ବା ଆଖପାଖ ସ୍ଥାନରେ କୌଣସି ବ୍ୟକ୍ତି ଜ୍ୱର, କାଶ କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି, ତେବେ ତୁରନ୍ତ କଟକ ମହାନଗର ନିଗମ ନିୟନ୍ତ୍ରଣ କକ୍ଷ ଫୋନ୍ ନଂ.- ୭୦୭୭୭୭୫୫୫୫ରେ ଯୋଗାଯୋଗ କରନ୍ତୁ।
- ଏଡିସ୍ ମଶା ଦ୍ୱାରା ଡେଙ୍ଗୁ ରୋଗ ସଂକ୍ରମିତ ହୋଇଥାଏ। ଏହି ମଶା ଦିନବେଳା କାମୁଡେ। ଜ୍ୱର ସହିତ ହାଡ଼ ଓ ଗଣ୍ଠି ବିନ୍ଧାହୁଏ ଓ କେତେକଙ୍କ ଶରୀରରେ ଲାଲ୍ ହୋଇ ଫଳିଯାଏ। ଏପରି ଲକ୍ଷଣ ଦେଖାଗଲେ ନିକଟରେ ଥିବା ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏଡିସ୍ ମଶା ବଂଶ ବୃଦ୍ଧି ହେବାର ମୁଖ୍ୟ ସ୍ଥାନ ଘର ସମ୍ମୁଖରେ ପଡିଥିବା ମାଠିଆ, କଟା ପଇଡ଼ ଏବଂ ଟାୟାର ରଖାଯାଇଥିବା ସ୍ଥାନରେ ବର୍ଷାପାଣି ଜମିରହିବା ଦ୍ୱାରା ଏହି ମଶା ବଂଶର ବୃଦ୍ଧି ହୋଇଥାଏ। ତେଣୁ ଏହି ସବୁ ସ୍ଥାନରେ ପାଣି ଜମିବାକୁ ଦିଅନ୍ତୁ ନାହିଁ।
- କଟକ ମହାଗର ନିଗମ କଟକ ସହରର ସଚେତନ ନାଗରିକମାନଙ୍କର ସକ୍ରିୟ ସହଯୋଗ ନେଇ ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ମାଧ୍ୟମରେ ଏକ ବିକାଶମୁଖୀ ବୃହତ୍ତର କଟକ ନିର୍ମାଣ କରିବା ପାଇଁ ସଂକଳ୍ପବଦ୍ଧ। ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ।
- ନିଗମର ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ପରିସର ପରିଷ୍କାର ରଖିବା ସହ ରାସ୍ତା କଡ଼ରେ କିମ୍ବା ଖାଲି ଜାଗାରେ କୌଣସି ବର୍ଜ୍ୟବସ୍ତୁ ପକାନ୍ତୁ ନାହିଁ ଏବଂ ଏଥିପାଇଁ ପାଖରେ ଥିବା ଡଷ୍ଟବିନ୍ କିମ୍ବା ମଇଳା ପଡ଼ିବା ସ୍ଥାନ ବ୍ୟବହାର କରି ସ୍ୱାସ୍ଥ୍ୟ, ପରିମଳ ଓ ପରିବେଶ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରନ୍ତୁ।
- ନିଗମ ଦ୍ୱାରା ସହର ମଧ୍ୟରେ ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଥିବା ଦୃଷ୍ଟିରୁ, ଏହାର ବିକଳ୍ପକୁ ବ୍ୟବହାର କରିବା ପାଇଁ ବଦ୍ଧପରିକର ହୋଇ, ପଲିଥିନ୍‌କୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରନ୍ତୁ।

ଶ୍ରୀମତୀ ଅନନ୍ୟା ଦାସ, ଭା.ପ୍ର.ସେ
ଆୟୁକ୍ତ
ଶ୍ରୀଯୁକ୍ତ ଅନିଲ କୁମାର ସାମଲ, ଭା.ପ୍ର.ସେ
ପ୍ରଶାସକ
OIPR-13031/11/0024/2122

## ସ୍ୱପ୍ନେଶ୍ୱର ଶୈବପୀଠରେ ଜଳାଭିଷେକ

ଜଳେଶ୍ୱର,(ଡି.ଏନ.ଏ.): ସୋମବାର ଜନ୍ମାଷ୍ଟମୀ ଓ ସୋମବାର ଥିବାରୁ ଶତାଧିକ ଭକ୍ତ କୋଭିଡ୍ ନିୟମ ମଧ୍ୟରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଆମ୍ବଲିଅଠା ସ୍ଥିତ ସ୍ୱପ୍ନେଶ୍ୱର ଶୈବପୀଠରେ ଜଳାଭିଷେକ କରିଛନ୍ତି। ସକାଳେ ଭକ୍ତମାନେ ସୁବର୍ଣ୍ଣରେଖା ନଦୀରୁ ଜଳ ନେଇ ବୋଲବମ୍ ଧ୍ୱନୀରେ ଅଞ୍ଚଳକୁ ପ୍ରକମ୍ପିତ କରିଥିଲେ। ଜଗବନ୍ଧୁ ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ ସପ୍ନେଶ୍ୱର କ୍ଲବର ସଭ୍ୟମାନେ ଭକ୍ତମାନଙ୍କୁ ଜଳାଭିଷେକ କରାଇବାରେ ସହାୟତା କରିଥିଲେ।

## ସଂକ୍ଷେପରେ

### ଟାୟାର ଚୋରି ଅଭିଯୋଗରେ ୨ କୋର୍ଟ ଚାଲାଣ

ସୋର,୩୦।୮(ଡି.ଏନ.ଏ.)- ଡମ୍ଫରରୁ ଟାୟର ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ବାଲେଶ୍ୱର ଜିଲା ସୋର ଥାନା ପୋଲିସ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ନୀଳଗିରି ଥାନା ଚଣ୍ଡୀପୁର ଗ୍ରାମର ପ୍ରତାପ ସିଂଙ୍କ ପୁଅ ଅଜୁ ଓ କାଠଗୋଛି ଗ୍ରାମର ମହାଦେବ ସିଂଙ୍କ ପୁଅ ବିଜୁ। ଏନେଇ ଥାନାରେ ଏକ ମାମଲା (ନଂ.୨୮୨/୨୧) ରୁଜୁ ହୋଇଛି। ଉଭୟ ସୋର ପୌରପରିଷଦ ଉତ୍ତରେଶ୍ୱର ବରଫକଳ ଛକ ନିକଟରୁ ଜୁଲାଇ ୨୮ରେ ଏକ ଡମ୍ଫରକୁ ଚୋରିକରି ନେଇ ନୀଳଗିରି ପିଙ୍ଗୁବଣିଆ ନିକଟରେ ଏହାର ୪ଟି ପଛ ଟାୟାର ଖୋଲି ନେଇଯାଇଥିଲେ। ଏନେଇ ଅଭିଯୋଗ ପାଇ ସୋର ଥାନା ପୋଲିସ ତଦନ୍ତ ଜାରି ରଖିଥିଲା।

### ଯୁବକଙ୍କ ଗଳିତ ମୃତଦେହ ଜବତ

ସୋର,୩୦।୮(ଡି.ଏନ.ଏ.)- ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ପାହାଡ଼ ତଳି ଆମ୍ବମାଳି ଆଦିବାସୀ ବସ୍ତିର ଏକ ଘର ଭିତରୁ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ସୋମବାର ପୋଲିସ ଜବତ କରିଛି। ମୃତକ ହେଲେ ସେହି ବସ୍ତିର ରବି ସିଂ(୩୦)। ପୋଲିସ ଘଟଣା ତଦନ୍ତ ଚଳାଇ ଥିବା ବେଳେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

### ହଂସକରା,ଚାଉଳତି ମୁହାଣରେ ନିର୍ମାଣ ହେଉ ଜେଟି

ଲଙ୍ଗଳେଶ୍ୱର,୩୦।୮(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବୀରାଇ ପଞ୍ଚାୟତର ହଂସକରା ଓ ଚାଉଳତି ମୁହାଣଠାରେ ମାଛ ବିକ୍ରି କରିବା ପାଇଁ ଜେଟି ନିର୍ମାଣ ଲାଗି ଦାବି ହୋଇଛି। ଜେଟି ନ ଥିବା ଯୋଗୁ ମତ୍ସ୍ୟଜୀବୀମାନେ ବହୁ ହଇରାଣ ହେଉଛନ୍ତି। ପ୍ରକାଶ ଯେ, ବାଲିଆପାଳ ଧାନ ପାନ ଓ ମୀନର ଅଞ୍ଚଳ ଭାବେ ପରିଚିତ। ପ୍ରାୟ ୨୫ ଭାଗ ଲୋକ ମାଛ ଧରି ଜୀବିକା ନିର୍ବାହ କରନ୍ତି। ବାଲିଆପାଳ ବ୍ଲକର ଚାଉଳତିଠାରୁ ଚୌମୁଖ ପର୍ଯ୍ୟନ୍ତ ୩୦ କି.ମି ଯାଏ ବିସ୍ତୀର୍ଣ୍ଣ ସମୁଦ୍ର ବେଳାଭୂମି ଥିବାରୁ ଏହି ଅଞ୍ଚଳର ଲୋକଙ୍କୁ ମତ୍ସ୍ୟଜୀବୀ ହେବାକୁ ଉତ୍ସାହିତ କରିଛି। ହଜାର ହଜାର ପରିବାର ମାଛ ମାରିବା ଓ ବ୍ୟବସାୟ କରି ଜୀବିକା ନିର୍ବାହ କରନ୍ତି। କିନ୍ତୁ ସରକାରଙ୍କର ପ୍ରୋତ୍ସାହନ ମିଳୁ ନ ଥିବାରୁ ମତ୍ସ୍ୟଜୀବୀମାନେ ଅଧିକ ଅର୍ଥ ଉପାର୍ଜନ ଓ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଏହି ଦୁଇଟି ମୁହାଣରୁ ପ୍ରତିଦିନ ଶତାଧିକ ଭୁଟଭୁଟି, ଲଞ୍ଚ, ଡଙ୍ଗା ମାଛ ମାରିବାକୁ ସମୁଦ୍ରକୁ ଯାଆନ୍ତି। କିନ୍ତୁ ମାଛ ବଜାର ପାଇଁ ଜେଟିଟିଏ ନ ଥିବାରୁ ନିକଟସ୍ଥ ଝାଉଁବଣରେ ବିକ୍ରି କରିବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମୁଦ୍ର ପାଖକୁ ଭଲ ରାସ୍ତାଟିଏ ନ ଥିବାରୁ ବେପାରୀମାନେ ସେଠାକୁ ଆସିବାକୁ ନାରାଜ ହେଉଛନ୍ତି। ଯାହାଫଳରେ ମାଛକୁ କମ୍ ଦାମରେ ବିକିବାକୁ ବାଧ ହେଉଛନ୍ତି। ତେଣୁ ଖୁବଶୀଘ୍ର ଏହି ଦୁଇ ମତ୍ସ୍ୟ ଉତ୍ପାଦନ କେନ୍ଦ୍ରରେ ଜେଟି ନିର୍ମାଣ ସହିତ ଭଲ ରାସ୍ତା ନିର୍ମାଣ କରିବାକୁ ଚିତ୍ତରଞ୍ଜନ ଦାସ, ମୃତ୍ୟୁଞ୍ଜୟ ବଗ, କାଳିଚରଣ ଗଙ୍ଗାଇ, ଝାଡେଶ୍ୱର ପାତ୍ର, ଖଗେନ୍ଦ୍ର ବାଗ, ବିଷ୍ଣୁ ଚରଣ ଗଙ୍ଗାଇ,ଟୁନା ମାଝୀ,ସର୍ବେଶ୍ୱର ପଙ୍ଚାୟତ,ରଘୁନାଥ ମାନ୍ନା,ଶରଣ ବାଗ, ଦିଲ୍ଲୀପ ପଣ୍ଡିତ,ବେଙ୍ଗା ମାନ୍ନା,କୁନା ବାଗ ପ୍ରମୁଖ ଦାବି କରିଛନ୍ତି।

### କୃଷ୍ଣ ବେଶ ପ୍ରତିଯୋଗିତା

ଜଳେଶ୍ୱର,୩୦।୮(ଡି.ଏନ.ଏ.)- ଜନ୍ମାଷ୍ଟମୀ ଅବସରରେ ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ନୃତ୍ୟଶିକ୍ଷା ଫାଉଣ୍ଡେସନ ଆନୁକୂଲ୍ୟରେ କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୁନି କୁନି ପିଲାଙ୍କୁ ନେଇ ଏହି କାର୍ଯ୍ୟକ୍ରମକୁ ମଧୁସୂଦନ ଜେନା ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ପୁଷ୍ପିତାରାଣୀ ଦାସ, ଦେବୀଦତ୍ତା ବାରିକ ଯୋଗଦେଇ ୨୦ଜଣ ପ୍ରତିଯୋଗୀଙ୍କର ମୂଲ୍ୟାୟନ କରିଥିଲେ। ନୃତ୍ୟଶିଖା ଫାଉଣ୍ଡେସନର ପ୍ରତିଷ୍ଠାତା ସୁଶାନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ନୟନଯୋରିରୁ ମିଳିଲା ଯୁବକଙ୍କ ମୃତଦେହ

ବନ୍ତ, ୩୦।୮(ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ଆଗରପଡ଼ା -ଆଡ଼ିଆ ରାସ୍ତାର ଧାନଘର ଛକ ନିକଟରେ ସୋମବାର ଅପରାହ୍ନରେ ନୟନଯୋରିରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ସ୍ଥାନୀୟ ଦାମଗଡିଆ ଆଦିବାସୀ ସାହିର ବିଷ୍ଣୁ ବେସ୍ରା ବୋଲି ଜଣାପଡ଼ିଛି। ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ୩ ବର୍ଷ ପରେ ଫେରିଲେ ସଲ୍‌ମା

- ଭୁଲ୍ ଟ୍ରେନ୍‌ରେ ଚଢ଼ି ମୁମ୍ବାଇ ପଳାଇ ଥିଲେ
- ଏଣେ ତେଣେ ବୁଲି ଅସହାୟ ଜୀବନ ବିତାଉଥିଲେ

ବାଲେଶ୍ୱର ଅଫିସ,୩୦।୮

ବାଲେଶ୍ୱର ସହର ଗୋପାଳଗାଁ ତଳସାହି ଅଞ୍ଚଳର ସ୍ୱର୍ଗତ ଗୋପାଳ ହାଁସଦାଙ୍କ ସ୍ତ୍ରୀ ସଲ୍‌ମା (୫୦) ନିଖୋଜର ୩ ବର୍ଷ ପରେ ଘରକୁ ଫେରିଛନ୍ତି। ସୋମବାର ସେ ପହଞ୍ଚିବା ପରେ ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସଲ୍‌ମା ଓ ତାଙ୍କ ପରିବାର ଲୋକେ ଉଦ୍ଧାରକାରୀ ସଙ୍ଗଠନ 'ଶ୍ରଦ୍ଧା ଫାଉଣ୍ଡେସନ' ଓ 'ଆମ ବାଲେଶ୍ୱର ସଂଗଠନ'ର କର୍ମକର୍ତ୍ତାଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

ସୂଚନା ଅନୁଯାୟୀ, ୩ ବର୍ଷ ତଳେ ସଲ୍‌ମା ବାହାନଗା ସ୍ଥିତ ଭାଇଙ୍କ ଘରକୁ ଯିବାକୁ କହି ରେଳ ଷ୍ଟେଶନ ଯାଇଥିଲେ। ସେଠାରେ ଭୁଲ ଟ୍ରେନରେ ଚଢ଼ି ପ୍ରଥମେ ଖଡ଼ଗପୁର ଓ ପରେ ପୁଣି ଗୋଟିଏ ପରେ ଗୋଟିଏ ଟ୍ରେନ ବଦଳ କରି ଶେଷରେ ମୁମ୍ବାଇରେ ପହଞ୍ଚି ଯାଇଥିଲେ। ସେ ସ୍ପଷ୍ଟ ହିନ୍ଦୀ କହିପାରୁ ନ ଥିବାରୁ ଘରକୁ ଫେରିବାରେ ଅସୁବିଧା ହୋଇଯାଇଥିଲା। ଦୀର୍ଘ ଦିନ ଏଣେ ତେଣେ ଅସହାୟ ଭାବେ ବୁଲି ବୁଲି ଜୀବନ ଅତିବାହିତ କରିଥିଲେ। ମୁମ୍ବାଇର ଚେମ୍ବୁରଠାରେ ଇତଃସ୍ତତ ଭାବେ ବୁଲୁଥିବା ବେଳେ ଗତ ଜୁଲାଇ ୭ରେ ସ୍ୱେଚ୍ଛାସେବୀ ସଂଗଠନ ଶ୍ରଦ୍ଧା ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ସେହି ସମୟରେ ସଲ୍‌ମାଙ୍କ ମାନସିକ ବିକୃତି ରୋଗ ଥିବା ଲକ୍ଷ୍ୟ କରି ଶ୍ରଦ୍ଧା ଫାଉଣ୍ଡେସନର କର୍ମକର୍ତ୍ତାମାନେ ତାଙ୍କର ଚିକିତ୍ସା କରାଇଥିଲେ। ଉତ୍ତମ ଚିକିତ୍ସା ସହ ଶ୍ରଦ୍ଧା ଫାଉଣ୍ଡେସନର ପୁନଃସୁଧାର କେନ୍ଦ୍ରରେ ରହି ସଲ୍‌ମା ସୁସ୍ଥ ହୋଇଥିଲେ। ଫାଉଣ୍ଡେସନର ଓଡ଼ିଆ କାର୍ଯ୍ୟକର୍ତ୍ତା ଲକ୍ଷ୍ମୀପ୍ରିୟା ବିଶୋଇଙ୍କ ସଂସ୍ପର୍ଶରେ ଆସିବା ପରେ ସଲ୍‌ମା ନିଜ ଘର ବାବଦରେ କହିଥିଲେ। ସଲ୍‌ମାଙ୍କ ନିକଟରୁ ସମସ୍ତ ତଥ୍ୟ ପାଇବା ପରେ ଫାଉଣ୍ଡେସନ ପକ୍ଷରୁ ଗତ ଅଗଷ୍ଟ ୧୩ ତାରିଖରେ 'ଆମ ବାଲେଶ୍ୱର ସଂଗଠନ' ସହ ଯୋଗାଯୋଗ କରାଯାଇଥିଲା। ସେହି କ୍ରମରେ ଆମ ବାଲେଶ୍ୱର ପକ୍ଷରୁ ସଲ୍‌ମାଙ୍କ ପରିବାରବର୍ଗଙ୍କୁ ଯୋଗଯୋଗ ସହ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରାଯାଇଥିଲା। ସଂଗଠନର କର୍ମକର୍ତ୍ତାଙ୍କ ଅନୁରୋଧ କ୍ରମେ ଶ୍ରଦ୍ଧା ଫାଉଣ୍ଡେସନର ଲକ୍ଷ୍ମୀପ୍ରିୟା ସଲମାଙ୍କୁ ନେଇ ବାଲେଶ୍ୱରରେ ପହଞ୍ଚିଥିଲେ। ବାଲେଶ୍ୱର ଷ୍ଟେଶନ କ୍ଲବ ପରିସରରେ ସଲ୍‌ମାଙ୍କୁ ସ୍ୱାଗତ ସହ ଲକ୍ଷ୍ମୀପ୍ରିୟାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଲ୍‌ମାଙ୍କୁ ଉଦ୍ଧାର ଓ ଚିକିତ୍ସା ସମ୍ପର୍କରେ ସୂଚନା ଦେବା ସହ ଆଗାମୀ ୨ବର୍ଷ ପର୍ଯ୍ୟନ୍ତ ତାଙ୍କୁ ବିନାମୂଲ୍ୟରେ ସମସ୍ତ ପ୍ରକାର ଔଷଧ ଓ ଚିକିତ୍ସା ସେବା ଶ୍ରଦ୍ଧା ଫାଉଣ୍ଡେସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଲକ୍ଷ୍ମୀପ୍ରିୟା କହିଥିଲେ। ସେହିପରି ଆମ ବାଲେଶ୍ୱର ସଂଗଠନର ବରିଷ୍ଠ ସଦସ୍ୟା ସମାଜସେବୀ ସୁବାସିନୀ ଜେନା ସଲ୍‌ମାଙ୍କର ଦାୟିତ୍ୱ ନେବା ପାଇଁ ସଙ୍ଗଠନ ପକ୍ଷରୁ ଉଚିତ୍ ମନେ କରିଥିବା ପ୍ରକାଶ କରିଥିଲେ। ଭୁବନାନନ୍ଦ ଦାସ, ନିରଞ୍ଜନ ପରିଡ଼ା, ସୁବ୍ରତ କର, ଜନ୍ମେଜୟ ରାଉତ, ଗିରିଜା ଶଙ୍କର ଦାସ, ଶଶାଙ୍କ ଶେଖର ଦତ୍ତ, ଗଙ୍ଗାଧର ଦାସ ପ୍ରମୁଖ ଆମ ବାଲେଶ୍ୱର ସଂଗଠନର କର୍ମକର୍ତ୍ତାମାନେ ସଲମାଙ୍କୁ ନେଇ ଗୋପାଳଗାଁ ତଳସାହିରେ ତାଙ୍କ ଘର ନିକଟରେ ପହଞ୍ଚିଥିଲେ। ସେଠାରେ ସଲମାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତରେ କରିଥିଲେ। ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନ ଓ ଆମ ବାଲେଶ୍ୱର ସଂଗଠନର ଏଭଳି ପ୍ରଚେଷ୍ଟାକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି।


ପରିବାର ଲୋକଙ୍କ ସହ ସଲ୍‌ମା।

# ଉନ୍ନୟନ କାର୍ଯ୍ୟର ତଦାରଖ କଲେ ହାଇକୋର୍ଟ ଟିମ୍

## କୁଷ୍ଠାଶ୍ରମରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ

ବାଲେଶ୍ୱର ଅଫିସ,୩୦।୮

ବାଲେଶ୍ୱର ବାମପଦା ସ୍ଥିତ କୁଷ୍ଠାଶ୍ରମ ଦୀର୍ଘଦିନ ଧରି ଅବହେଳିତ ହୋଇ ପଡ଼ି ରହିଥିଲା। ଏହାର ବିକାଶ ନିମନ୍ତେ ଅନ୍ତେବାସୀମାନେ ବାରମ୍ବାର ଅଭିଯୋଗ ଓ ଆବେଦନ କରିବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାକୁ ଆଧାର କରି ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ଏନେଇ କୁଷ୍ଠାଶ୍ରମର ସ୍ଥିତି ସମ୍ପର୍କରେ ଜଣାଇବାକୁ ଜିଲାପ୍ରଶାସନକୁ ହାଇକୋର୍ଟ ଆଦେଶ ଦେଇଥିଲେ। ପରେ ଜିଲାପ୍ରଶାସନ ବିକାଶ ମୂଳକ କାର୍ଯ୍ୟ ଆରମ୍ଭ କରିଥିଲା। ଆଶ୍ରମର ନୂତନ ଘର ନିର୍ମାଣ, ରାସ୍ତା ନିର୍ମାଣ, ଡାକ୍ତରଖାନାର ଆବଶ୍ୟକ ଭିତ୍ତିଭୂମି ସହ ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟଙ୍କ ନିଯୁକ୍ତି, ଡ୍ରେନ୍, ପିଇବା ପାଣି ସହ ପାଇଖାନା ସୁବିଧା ଆଦିର ବ୍ୟବସ୍ଥା କରାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଆଶ୍ରମରେ ପ୍ରାୟ ୭୦% କାର୍ଯ୍ୟ ଶେଷ ହୋଇଆସିଲାଣି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଇନଜୀବୀ ଗୌତମ ମିଶ୍ର ଓ ବିଷ୍ଣୁପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ କୁଷ୍ଠାଶ୍ରମ ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ପରିଦର୍ଶନ ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ, ଡା.ରାମଚନ୍ଦ୍ର କିସ୍କୁ, ରେମୁଣା ବିଡିଓ ଛବିରାଣୀ ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ବାମପଦା ସ୍ଥିତ କୁଷ୍ଠାଶ୍ରମ।

# 'ସାମୟିକ ପ୍ରଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ମିଳୁ'


ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର ଅଫିସ,୩୦।୮

ବାଲେଶ୍ୱର ସଦର ପାର୍ଟ ଟାଇମ୍ ଇନ୍‌ଷ୍ଟ୍ରକ୍ଟର (ପିଟିଆଇ) ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ପାଇଁ ବିଧାୟକ ସ୍ୱରୂପ କୁମାର ଦାସଙ୍କୁ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ଏହି ସାମୟିକ ପ୍ରଶିକ୍ଷକ (କ୍ରୀଡ଼ା, ଦୃଶ୍ୟ କଳା ଓ ପରିବେଷଣ କଳା) ସଂଘର ଏକ ପ୍ରତିନିଧି ଦଳ ସୋମବାର ବିଧାୟକଙ୍କୁ ସାକ୍ଷାତ କରି ଅନୁରୋଧ ପତ୍ର ଦେଇଥିଲେ। ଗଣଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଦ୍ୱାରା ୨୦୧୩ ମାର୍ଚ୍ଚରୁ ପାର୍ଟ ଟାଇମ ଭାବରେ କ୍ରୀଡ଼ା, ଦୃଶ୍ୟ କଳା ଓ ପରିବେଷଣ କଳା ଡିଗ୍ରୀ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିଲା। ବିଗତ ୯ ବର୍ଷ ଧରି ବିଭିନ୍ନ ପ୍ରତିବାଦ ଓ ନିବେଦନ ପରେ ମଧ୍ୟ ନିଯୁକ୍ତିର କୌଣସି ପରିବର୍ତ୍ତନ ହେଉନାହିଁ। ବହୁ ଦାବି ଉପସ୍ଥାପନ ପରେ ଭାରତ ସରକାରଙ୍କ ମାନବ ସଂଶାଧନ ବିକାଶ ମନ୍ତ୍ରାଳୟ ପକ୍ଷରୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ଓ ସାକ୍ଷରତା ବିଭାଗ ୨୦୨୦ରେ ସମସ୍ତ ସାମୟିକ ପ୍ରଶିକ୍ଷକମାନଙ୍କୁ ଏଲିମେଣ୍ଟାରୀ କଣ୍ଟ୍ରାକ୍ଚୁଆଲ କରାଯାଇ ୧୨ ମାସିକିଆ ଅନୁସାରେ ଦରମା ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ରାଜ୍ୟସରକାର ଅଦ୍ୟାବଧି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହାସହିତ ପ୍ରତି କ୍ଲାସ/ପିରିୟଡ ଅନୁଯାୟୀ 'ନୋ ୱାର୍କ ନୋ ପେ' ଅନୁସାରେ ୨୪ଟି କ୍ଲାସ ଆଧାରରେ ସେମାନଙ୍କୁ ଦରମା ପ୍ରଦାନ କରାଯାଉଛି। ଏହାର ସମାଧାନ ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ସଂଘର ସଭାପତି ମରୁତ ରାଉତ, ସଦସ୍ୟ କୁମାର ଗୌରବ ସାହାଣୀ, ପ୍ରଦୀପ ପଣ୍ଡା, ରଶ୍ମୀରେଖା ସାହାଣୀ, ତିଳୋତ୍ତମା ସାହୁ, ପ୍ରତିମା ମୈକାପ, ରାଜକିଶୋର ଦାସ ପ୍ରମୁଖ ବିଧାୟକଙ୍କୁ ଅନୁରୋଧ କରିଥିଲେ।

# ବିନା ସର୍ଚ୍ଚୱାରେଣ୍ଟରେ ଘର ତଲାସି ଅଭିଯୋଗ

ସୋର,୩୦।୮(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ଥାନାରେ ରୁଜୁ ହୋଇଥିବା ଏକ ମାମଲାକୁ ନେଇ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସୋର ବ୍ଲକ ଅନ୍ତର୍ଗତ ବାଗୁଡ଼ି ଗ୍ରାମସ୍ଥିତ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ବିନା ସର୍ଚ୍ଚୱାରେଣ୍ଟରେ ପୋଲିସ ତଲାସୀ କରିଥିବା ସୋର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଖଇରା ଥାନା କେସନଂ.୯୦/୨୧ ଅନୁଯାୟୀ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ୨୩.୮.୨୧ରିଖ ଆଦେଶରେ ପରବର୍ତ୍ତୀ ତା. ୮.୯.୨୧ ରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଗତ ୨୮ ତାରିଖ ରାତି ୭ଟା ସମୟରେ ଖଇରା ଥାନାର ୩ କର୍ମଚାରୀ ସୋର ଥାନାର ଜଣେ କର୍ମଚାରୀଙ୍କ ଉପସ୍ଥିତିରେ ବାଗୁଡ଼ି ସ୍ଥିତ ଅଭିଯୁକ୍ତଙ୍କ ଶ୍ୱଶୁର ଅଖିଳରାମ ଜେନାଙ୍କ ଫାଟକ ଡେଇଁ ଘରେ ପଶିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଘରେ କେହି ପୁରୁଷ ଲୋକ ନ ଥିବାରୁ ଅଖିଳରାମଙ୍କ ସ୍ତ୍ରୀ ଗ୍ରୀଲ ଖୋଲି ନ ଥିଲେ। ଖବର ପାଇ ତାଙ୍କ ପୁଅ ଆସି ପହଞ୍ଚିବା ପରେ ସେମାନଙ୍କଠାରୁ କୋର୍ଟର ସର୍ଚ୍ଚୱାରେଣ୍ଟ ମାଗିଥିଲେ। ମାତ୍ର ପୋଲିସ ବିନା ସର୍ଚ୍ଚୱାରେଣ୍ଟରେ ଘରେ ପଶି ପାରିବ ବୋଲି କହି ଜବରଦସ୍ତ ପଶି ଦୀର୍ଘ ସମୟ ପର୍ଯ୍ୟନ୍ତ ତଲାସି କରି ଫେରିଯାଇଥିଲେ। ଏଭଳି ବିନା ସର୍ଚ୍ଚୱାରେଣ୍ଟରେ ଘରେ ପଶି ତଲାସି କରିବା ଦ୍ୱାରା ତାଙ୍କର ସାମ୍ବିଧାନିକ ଅଧିକାର ସହ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଥିବା ସମ୍ପର୍କରେ ଅଖିଳରାମ ସୋର ଥାନାରେ ଅଭିଯୋଗ କରିଛନ୍ତି।

# ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ

ବାଲେଶ୍ୱର ଅଫିସ,୩୦।୮

ବାଲେଶ୍ୱର ସଦର ବ୍ଲକ ବୁଆଁଳ ପଞ୍ଚାୟତର ୭ଟି ଗ୍ରାମ ପାଇଁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ପଞ୍ଚାୟତର ଦୀପାପାଳ, ପାରଦୀପା, କୁଡ଼ିଆ, ବଡ଼ସିନ୍ଧିଆ, ନୂଆପୁର, ପାରିକୁଳ, କୁଡ଼ିଆପାଟଣା ଗ୍ରାମର ଅଧିବାସୀ ଉପକୃତ ହୋଇ ପାରିବେ। ଗ୍ରାମାଞ୍ଚଳରେ ପାଇପ୍ ଯୋଗେ ପ୍ରତ୍ୟକ ଘରକୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବିଧାୟକ ଦାସ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଦର ବ୍ଲକ ଅଧକ୍ଷ ନାରାୟଣ ପ୍ରଧାନ, ବ୍ଲକ ସଭାପତି ବସନ୍ତ ପଣ୍ଡା, ବ୍ଲକ ମହିଳା ସଭାପତି ଲିନା ସାହୁ, ପଞ୍ଚାୟତ ସଭାପତି ପ୍ରସନ୍ନ ପରିଡ଼ା, ଯୁବ ନେତା ଶକ୍ତିପଦ ରାୟ, ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ସ୍ୱରୂପ କୁମାର ଦାସ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ

ବାଲେଶ୍ୱର ଅଫିସ,୩୦।୮

ବାଲେଶ୍ୱର ସହର ସହଦେବଖୁଣ୍ଟା ସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ 'ବିଶ୍ୱହିନ୍ଦୁ ପରିଷଦ'ର ପ୍ରତିଷ୍ଠା ଦିବସ ଜିଲା ଶାଖା ପକ୍ଷରୁ ସୋମବାର ପାଳିତ ହୋଇଯାଇଛି। ପରିଷଦର ଜିଲା ସମ୍ପାଦକ ସଞ୍ଜୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ସହ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଯଜ୍ଞ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜନ୍ମାଷ୍ଟମୀ କମିଟିର ଅଧ୍ୟକ୍ଷ ତୁଷାରକାନ୍ତି ପଣ୍ଡା ଓ ସମ୍ପାଦକ ଉମେଶ ଖଣ୍ଡେଲୱାଲ, ଜିଲା ସେବା ପ୍ରମୁଖ ରଜନୀକାନ୍ତ ଶତପଥୀ, ଜିଲା ସତସଙ୍ଗ ପ୍ରମୁଖ ବଳଭଦ୍ର ଶତପଥୀ, ପରିଷଦର ବରିଷ୍ଠ ପଦାଧିକାରୀ ଗୌରୀପ୍ରସାଦ ରଥ, ଭଗବାନ ଖଣ୍ଡେଲୱାଲ, ସୁଧାକର ପାଢ଼ୀ, ଧରଣୀଧର ମିଶ୍ର, ଆଲୋକ କୁମାର ପଣ୍ଡା, ପ୍ରଶାନ୍ତ କୁମାର ନାୟକ, ଯଶୋବନ୍ତ ଦାସ, ହେମଲତା ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସମୁଦ୍ରରେ ଭାସି ପର୍ଯ୍ୟଟକ ନିଖୋଜ

ଭୋଗରାଇ,୩୦।୮(ଡି.ଏନ.ଏ.)

ନିଷେଧାଜ୍ଞା ଅମାନ୍ୟ କରି ଜଣେ ବଙ୍ଗୀୟ ପର୍ଯ୍ୟଟକ ସୋମବାର ଅପରାହ୍ନରେ ଓଲ୍ଡ ଦୀଘା ସମୁଦ୍ରକୂଳ ଜୁଆର ପାଣିରେ ସାଥୀଙ୍କ ସହିତ ଖେଳୁଥିବା ବେଳେ ଜୁଆର ସ୍ରୋତରେ ଭାସିଯାଇ ନିଖୋଜ ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ହାଓଡ଼ା ଅଞ୍ଚଳର ସୈକତ ଦତ୍ତ (୧୬)। ଚଳିତବର୍ଷ ସେ ମାଧ୍ୟମିକ ପାସ୍ କରି ଏକାଦଶ ଶ୍ରେଣୀରେ ଭର୍ତ୍ତି ହୋଇଛନ୍ତି। ୧୦ରୁ ୧୨ଜଣ ବନ୍ଧୁଙ୍କ ସହିତ ଦୀଘା ବୁଲିବାକୁ ଆସି ସମୁଦକୂଳରେ ଖେଳୁଥିବା ବେଳେ ଭାସି ଯାଇଥିଲେ। ନଳିଆ ଓ ମେରାଇନ୍ ପୋଲିସ ଖୋଜାଖୋଜି ଚଳାଇଥିଲେ ହେଁ ତାଙ୍କ ପତ୍ତା ମିଳି ନାହିଁ। ଉଲ୍ଲେଖଯୋଗ୍ୟ ଯେ, ରବିବାର ସମୁଦ୍ରରେ ଭାସି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

ବାଲେଶ୍ୱର ଅଫିସ,୩୦।୮

ବାଲେଶ୍ୱର ବାଲିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସୋମବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ସହ-ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରୁବେଶ ଚନ୍ଦ୍ର ସାମଲ, ମୁଖ୍ୟବକ୍ତା ବିଦ୍ୟାଳୟର ଆଚାର୍ଯ୍ୟା ତାନଶ୍ରୀ ପାଣିଗ୍ରାହୀ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ଓ ରହସ୍ୟମୟ ଜୀବନୀ ବିଷୟରେ ବକ୍ତବ୍ୟ ରଖିଥିଲେ। ସହ ପ୍ରଧାନ ଆଚାର୍ଯ୍ୟା ନୀଳିମା ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ସୁନୀତା ମାଇତି କୃତଜ୍ଞତା ଜ୍ଞାପନ କରିଥିଲେ। ଆଚାର୍ଯ୍ୟ ଅନୀଲ କୁମାର ଗିରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଚାର୍ଯ୍ୟାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅତସୀ ରାଣୀ ଆଚାର୍ଯ୍ୟ ବ୍ୟକ୍ତିଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରଚାଳନା ସମିତି ମୁଖ୍ୟ ଉପଦେଷ୍ଟା ଉପେନ୍ଦ୍ର ନାଥ ପାତ୍ର ଯୋଗଦେଇଥିଲେ। ସମସ୍ତ ଗୁରୁମାଗୁରୁଜୀ, ଅପା, ଭାଇମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ୨କି.ମି.ରାସ୍ତାରେ ୨ଶହ ଖାଲ

- ନାଲି ମାଟିରେ ପୋତା ଚାଲିଛି
- ଯମଯନ୍ତ୍ରଣା ଭୋଗୁଛନ୍ତି ୧୦ ଗାଁର ଅଧିବାସୀ

ଖଇରା,୩୦।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡ଼ାଙ୍ଗରୁ ଅଲିପୁର ପର୍ଯ୍ୟନ୍ତ ସଂଯୋଗକାରୀ ରାସ୍ତା ଏବେ ବିପଦ ସଂକୁଳ ପାଲଟିଛି। ୨କି.ମି. ରାସ୍ତାରେ ଏବେ ୨ଶହରୁ ଅଧିକ ଖାଲ ହୋଇଛି। ଏକାଧିକ ସ୍ଥାନରେ ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହେଲାଣି । ୨କି.ମି.ର ଏହି ରାସ୍ତା ଅତିକ୍ରମ କରିବାକୁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି। ୨ଦିନ ତଳେ ମରାମତି ନାମରେ ଜନୈକ ଠିକାଦାର ଉକ୍ତ ଖାଲଗୁଡ଼ିକୁ ନାଲି ମାଟି ପକାଇ ପୋତିବାକୁ ଉଦ୍ୟମ କରିଥିଲେ। ହେଲେ ଖାଲରେ ମାଟି ପଡ଼ିବା ପରେ ପିଚୁ ରାସ୍ତା ଏବେ ମାଟି ରାସ୍ତାରେ ପରିବର୍ତ୍ତନ ହୋଇଯିବା ପରି ଦେଖିବାକୁ ମିଳିଛି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରା ନ ଗଲେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଆମ୍ବଗଡିଆ, ବୁରେଇସାହି,ଭୋଗୁପୁର,ସାରଡାଙ୍ଗ, ଅଲିପୁର,ହନ୍ସବାବୀ, ଅଣ୍ଡାଇଲୋ, ନୂଆସାହି ସମେତ ୧୦ଖଣ୍ଡ ଗ୍ରାମର ଲୋକ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ସଡ଼କରେ ଅନ୍ତର୍ଭୁକ୍ତ ଏହି ରାସ୍ତାଟି ୨୦୧୪ରେ ଆରମ୍ଭ ହୋଇ ୨୦୧୬ରେ ଶେଷ ହୋଇଥିଲା। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାଟି ଅଳ୍ପ ଦିନରେ ନଷ୍ଟ ହୋଇ ଯାଇଛି। କାଂସବାଂଶ ନଦୀ କଡ଼ରେ ଯାଇଥିବା ଉକ୍ତ ରାସ୍ତା ଉପରେ ବନ୍ୟାପାଣି ଜମି ରହୁଥିବାରୁ କଂକ୍ରିଟ କରାଯିବାକୁ ଗ୍ରାମବାସୀମାନେ ଦାବି କରିଥିଲେ ହେଁ ପିଚୁ କରାଯିବା କାରଣରୁ ରାସ୍ତାର ଅବସ୍ଥା ଆଜି ଏଭଳି ହୋଇଥିବା ନେଇ ସାରଡ଼ାଙ୍ଗ ଗ୍ରାମର ବାବୁଲି ପଣ୍ଡା କହିଛନ୍ତି । ଅନ୍ୟପକ୍ଷେ ମେଟାଲ ମୋରମ ପରିବର୍ତ୍ତେ ନାଲିମାଟି ପକାଯିବା ପରେ ଏବେ ବାଇକ୍ ଓ ଭାରିଯାନଗୁଡ଼ିକର ଚକ ଦବି ଯାଉଛି। ରାସ୍ତା ଶୋଚନୀୟ ହୋଇ ପଡ଼ିଥିବାରୁ ସାରଡ଼ାଙ୍ଗ ହାଇସ୍କୁଲରେ ପଢୁଥିବା ଛାତ୍ରୀଛାତ୍ର ଓ ମିର୍ଜାପୁର ସେବା ସମବାୟ ସମିତିକୁ ଯାଉଥିବା ଚାଷୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବା ସନାତନ ଖୁଣ୍ଟିଆ କହିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ପ୍ରିୟରଞ୍ଜନ ବେହେରାଙ୍କୁ ପଚାରିବାରୁ ଚଳିତ ବର୍ଷ ସମ୍ପୂର୍ଣ୍ଣ ରାସ୍ତା ପୁନଃନିର୍ମାଣ କରାଯିବାର ଯୋଜନା ରହିଛି ବୋଲି ସେ ପ୍ରକାଶ କରିଛନ୍ତି।



ନାଲିମାଟି ପକାଯାଇଥିବାରୁ ରାସ୍ତାରେ ଏକ ଟ୍ରକ୍ ଦବିଯାଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୩୧ ଅଗଷ୍ଟ ୨୦୨୧

## ଜୀବନ ହାରିଲେ ବୃଦ୍ଧ

କୁଆମରା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ସ୍ଥିତ କୁଶଳଦା ଫାଣ୍ଡି ଅଧୀନ ବୈରାଟପୁର ଗ୍ରାମର ଜଣେ ବୃଦ୍ଧ କୀଟନାଶକ ଖାଇବା ଯୋଗୁ ମୃତ୍ୟୁ ଘଟିଛି। ମୃତକ ହେଲେ ହରେନ୍ଦ୍ର ସେଠୀ। ଗତ ରବିବାର ପରିବାର ଲୋକେ ବିଲକୁ କାମ କରିବାକୁ ଯାଇ ଥିବା ବେଳେ ହରେନ୍ଦ୍ର କୀଟନାଶକ ଖାଇଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଉଦଳା ଏବଂ ପରେ ବାରିପଦା ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।



### ସଂକ୍ଷେପରେ

## ଗୃହଦାହ ଅଭିଯୋଗ

କପ୍ତିପଦା,୩୦।୮ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଭୋଳାଘାଟି ଗ୍ରାମର ବାସନ୍ତୀ ସିଂଙ୍କ ଘରେ କେହି ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତିରେ ନିଆଁ ଲଗାଇଥିବା ନେଇ କପ୍ତିପଦା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଜଣଙ୍କୁ ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୨ଟା ବେଳେ ବାସନ୍ତୀ ଘର ପାଖରେ କେହି ଜଣେ ଦୁର୍ବୃତ୍ତ ବୁଲୁଥିବା ଦେଖିବାକୁ ପାଇଥିଲେ। କିଛି ସମୟ ପରେ ସେ ତାଙ୍କ ଘରେ ନିଆଁ ଲଗାଇ ପଳାଇ ଯାଉଥିବା ବେଳେ ନିକଟରେ ଥିବା ଆର୍‌ଏମ୍‌ସି ଗେଟ୍‌ର କର୍ମଚାରୀମାନେ କାବୁ କରି ନେଇଥିଲେ। ଏହି ଅଗ୍ନିକାଣ୍ଡରେ ୪ ବଖରା ଘର ଜଳିଯାଇଛି। ଅଗ୍ନିବିପନ୍ନ ପରିବାର ନିକଟସ୍ଥ ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ସରପଞ୍ଚ ପ୍ରମୋଦ ସିଂ ଚାଉଳ ଓ ୧ ହଜାର ଟଙ୍କା, ସ୍ଥାନୀୟ ନେତା ପ୍ରବୀର ଚନ୍ଦ୍ର ସାଏ ଓ କୁନୁ ମୁର୍ମୁ ଏକ ତମ୍ବୁ ପ୍ରଦାନ କରିଛନ୍ତି।

## ଧରାପଡ଼ିଲେ ୩ ଚୋର

ଚିତ୍ରଡ଼ା,୩୦।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଥାନା ଅଧୀନ ଆଣୁଆଁ ନିକଟରେ ଗତ ୧୪ତାରିଖ ବିଳମ୍ବିତ ରାତିରେ ବିଦ୍ୟୁତ୍ ତାର ଚୋରି ହେଉଥିବା ଖବରପାଇ ମୋରଡ଼ା ଥାନା ଏବଂ ଚିତ୍ରଡ଼ା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣେ ଚୋରଙ୍କୁ କାବୁ କରିବା ସହ ତାର ଜବତ କରିଥିଲା। ତାଙ୍କର ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ତେବେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅନ୍ୟ ୩ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ସାହି ଥାନା ଅଧୀନ ସାନକେରକ ଗ୍ରାମର କେଶବ ଚନ୍ଦ୍ର ମହାନ୍ତ, ଟିକାୟତପୁର ଗ୍ରାମର ଗୋକୁଳ ମହାନ୍ତ ଏବଂ ଝାରପୋଖରିଆ ଥାନା ଅନ୍ତର୍ଗତ ଧାଙ୍ଗିଡିଶୋଳ ଗ୍ରାମର ଶମ୍ଭୁନାଥ ନାୟକ। ମୋରଡ଼ା ଥାନାରେ ମାମଲା(ନଂ.୧୭୧/୨୧) ରୁଜୁ ହୋଇଛି।

## ନାଳ ନିକଟରୁ ମୃତଦେହ ଜବତ

ଠାକୁରମୁଣ୍ଡା, ୩୦।୮ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ କାଦଡିହା (କୁଦରସାହି) ଗ୍ରାମ ସ୍ଥିତ ଏକ ନାଳ ନିକଟରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଭାସୁଥିଲା। ଏହାକୁ ଦେଖି ଗ୍ରାମର କେତେକ ଛେଳି ଚରାଳି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ନାଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ।

## ଏଟିଏମ୍ ତାଡ଼ି ଲୁଟ୍ ଉଦ୍ୟମ

ବାସୁଦେବପୁର, ୩୦।୮(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ପଡୁଆଁ ବଜାରରେ ଥିବା ଏକ ଏଟିଏମ୍‌କୁ ରବିବାର ବିଳମ୍ବିତ ରାତିରେ କେହି ବ୍ୟକ୍ତି ତାଡ଼ି ଟଙ୍କା ଲୁଟ୍ ଉଦ୍ୟମ କରିଛନ୍ତି। ବାସୁଦେବପୁର ପୋଲିସ ଏନେଇ ତନାଘନା ଚଳାଇଛି।

## ସଂଗ୍ରାମଙ୍କୁ ଶ୍ରଦ୍ଧାଞ୍ଜଳି

ବନ୍ତ,୩୦।୮(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ଥାନା ଛକଠାରେ ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ଏକାଦଶାହ କ୍ରିୟା ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ କଂଗ୍ରେସ ସଭାପତି ଜ୍ୟୋତି ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ବ୍ଲକ ଉପସଭାପତି ନିରଞ୍ଜନ ମଲ୍ଲିକ ପୌରୋହିତ୍ୟ କରିଥିଲେ। ଗୀତାପାଠ କରିଥିଲେ ବିଷ୍ଣୁ ମୋହନ ପଣ୍ଡା। ଜିଲା ସଭାପତି ସୁବ୍ରତ ଦାସ, ଆଇନଜୀବୀ ପରମେଶ୍ୱର ବାରିକ, ରାଜକିଶୋର ସ୍ୱାଇଁ, ପ୍ରଦ୍ୟୁମ୍ନ ଦାସ, ସ୍ମୃତି ରଞ୍ଜନ ସ୍ୱାଇଁ, ଭବେନ୍ଦ୍ର ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ସଂଗୃହୀତ ସାମଗ୍ରୀ ଦାନ କରିବେ ସୁଜିତ

କେନ୍ଦୁଝର,୩୦।୮(ସ୍ୱ.ପ୍ର.)

### ବିଜୁ ପଟ୍ଟନାୟକ ରିସର୍ଚ୍ଚ ସେଣ୍ଟର ପାଇଁ ଦାବି

ଦୀର୍ଘ ୩୬ ବର୍ଷ ଧରି ଓଡ଼ିଶାର ବରପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଉପରେ ଆଧାରିତ ବିଭିନ୍ନ ପ୍ରକାରର ଲେଖା, ପୁସ୍ତକ, ଫଟୋ ଚିତ୍ର ଆଦି ସଂଗ୍ରହ କରି ଜାତୀୟସ୍ତରରେ ରେକର୍ଡ ସୃଷ୍ଟି କରିଥିବା ବିଶିଷ୍ଟ ସଂଗ୍ରାହକ ସୁଜିତ ପଟ୍ଟନାୟକ ତାଙ୍କର ସମସ୍ତ ସଂଗ୍ରହକୁ ଦାନ କରିବେ। କେନ୍ଦୁଝର ଜିଲାରେ ଭୂମିପୁତ୍ର ବିଜୁ ପଟ୍ଟନାୟକ ରିସର୍ଚ୍ଚ ସେଣ୍ଟର ସ୍ଥାପନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗତ ଅଗଷ୍ଟ ୨ରେ ଚିଠି ଲେଖି ସେସବୁ ସାମଗ୍ରୀ ଉକ୍ତ ସେଣ୍ଟରରେ ସାଇତି ରଖିବାକୁ ନିବେଦନ କରିଥିଲେ। ପରିଣତ ଅବସ୍ଥାରେ ସ୍ୱାସ୍ଥ୍ୟାବସ୍ଥା ଠିକ ରହୁ ନ ଥିବାରୁ ତାଙ୍କର ଏହି ବିରଳ ସଂଗୃହୀତ ଦସ୍ତାବିଜ ଆଦିର ସୁରକ୍ଷା ପାଇଁ ଆବଶ୍ୟକ ସମୟ ଓ ଅର୍ଥବ୍ୟୟ କରିବାରେ ଅକ୍ଷମ ଅଟନ୍ତି । ଏଣୁ ଏସବୁ ନେଇ ଏଠାରେ ସଂଗ୍ରହାଳୟ ପ୍ରତିଷ୍ଠା କରାଗଲେ ଭବିଷ୍ୟତ ପିଢ଼ିଙ୍କ ପାଇଁ ବିଜୁ ବାବୁଙ୍କ ସମ୍ପର୍କରେ ତଥ୍ୟ ରିସର୍ଚ୍ଚ କରିବା ତଥା ଉଚ୍ଚ ଶିକ୍ଷା ପାଇଁ ଅଧ୍ୟୟନର ସୁଯୋଗ ସୃଷ୍ଟି କରିପାରିବ ବୋଲି ସେ କହିଛନ୍ତି।

ସାମ୍ବାଦିକ ଭାବେ ଦୀର୍ଘ ବହୁ ବର୍ଷ ଧରି କାମ କରିବା ସହ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୁଜିତ ବାବୁ ତାଙ୍କ ଉପରେ ଲିଖିତ ପୁସ୍ତକ, ଲେଖା, ଖବରକାଗଜ ସଂଗ୍ରହ କରିବା ସହ ବିଭିନ୍ନ ପ୍ରକାରର ଦସ୍ତାବିଜ, ଫଟୋ ଆଦି ସଂଗ୍ରହ କରି ରଖିଛନ୍ତି। ଅନେକ ସମୟରେ ଛାତ୍ରୀଛାତ୍ର, ଲେଖକ, ରିସର୍ଚ୍ଚର ତଥା ଉଚ୍ଚ ଶିକ୍ଷା ଲାଭ କରୁଥିବା ବିଦ୍ୟାର୍ଥୀ, ସରକାରୀ ଓ ବେସରକାରୀ ଅଧିକାରୀ ଗସ୍ତ କରି ସେସବୁ ଦେଖି ବେଶ ପ୍ରଶଂସା କରିଛନ୍ତି। ଏଭଳି ବିରଳ ସଂଗ୍ରହ ପାଇଁ ସେ ବିଭିନ୍ନ ସ୍ଥାନରେ ସମ୍ମାନିତ ହୋଇଥିବା ବେଳେ ବିଜୁ ବାବୁଙ୍କ ଉପରେ ବ୍ୟକ୍ତିଗତ ଭାବେ ସର୍ବାଧିକ ସଂଗ୍ରାହକ ପାଇଁ ରୟାଲ ଇଣ୍ଟରନ୍ୟାଶନାଲ ବୁକ ଅଫ ରେକର୍ଡ, ଆମାଜିଙ୍ଗ ଇଣ୍ଡିଆ ରେକର୍ଡସ, ଓଏମଜି ବୁକ ଅଫ ରେକର୍ଡସ, କର୍ଣ୍ଣାଟକ ବୁକ ଅଫ ରେକର୍ଡସ ହାସଲ କରିଛନ୍ତି । ସେହିପରି ସେ ସର୍ବାଧିକ ମେଘଦୁତ ପୋଷ୍ଟକାର୍ଡ ସଂଗ୍ରହ ପାଇଁ ଲିମକା ବୁକ ଅଫ ରେକର୍ଡ, ଇଣ୍ଡିଆ ବୁକ ଅଫ ରେକର୍ଡସ ହାସଲ କରିଥିବା କହିଛନ୍ତି ।



ସୁଜିତ ସଂଗ୍ରହ କରିଥିବା ବିଜୁ ବାବୁଙ୍କ ପୁସ୍ତକ।

ଏହା ବ୍ୟତୀତ ସେ ରାଜାରାଜୁଡ଼ା ଅମଳର ବହୁ ପୁରଣା ଦସ୍ତାବିଜ, ପଟ୍ଟା, ରେକର୍ଡ ଆଦି ସଂଗ୍ରହ କରିଛନ୍ତି। ସେହିପରି ବହୁ ସଂଖ୍ୟାରେ ବିଭିନ୍ନ ଦେଶର କଏନସ, ଡାକ ଟିକଟ ମଧ୍ୟ ସଂଗ୍ରହ କରିଛନ୍ତି । ବିଜୁ ବାବୁ ସହିତ ତାଙ୍କର ନିଜର ବ୍ୟକ୍ତିଗତ ସୁସମ୍ପର୍କ ଓ ଅନୁଭୂତିକୁ ମନେ ପକାଇ ୧୯୯୭ ରେ ଜିଲା ପରିଷଦ ନିର୍ବାଚନ ସମୟରେ ତେଲକୋଇ ବ୍ଲକର ଏକ ଦୁର୍ଗମ୍ୟ ଗ୍ରାମରେ ତାଙ୍କ ସହିତ ରାତି କଟାଇବା ଅନୁଭୂତି ତାଙ୍କୁ ଅଧିକ ଅନୁପ୍ରାଣିତ କରିଥିଲା। ଯାହାକୁ ସେ ଭୁଲି ପାରୁନାହାନ୍ତି। ଏଣୁ ଜିଲାରେ ତାଙ୍କ ନାମରେ ରିସର୍ଚ୍ଚ ସେଣ୍ଟର ସ୍ଥାପନ ହୋଇ ପାରିଲେ ସେ ସଂଗ୍ରହ କରିଆସିଥିବା ସମସ୍ତ ସାମଗ୍ରୀକୁ ଦାନ କରିବେ ଯାହାକି ସେହି ମହାପୁରୁଷଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ଓ ଜୀବନର ଶେଷ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ହୋଇ ପାରିବ ବୋଲି ସେ କହିଛନ୍ତି।

# ୧୦ ଦିନରେ ୨୨ ଶିଶୁ କୋଭିଡ୍ ପଜିଟିଭ

ଭଦ୍ରକ ଅଫିସ, ୩୦।୮

ଭଦ୍ରକ ଜିଲାରେ ଦୈନିକ କୋଭିଡ୍ ସଂକ୍ରମଣ ହ୍ରାସ ପାଉଥିଲେ ମଧ୍ୟ ଶିଶୁମାନେ ଅଧିକରୁ ସଂକ୍ରମିତ ହେଉଥିବା ନଜରକୁ ଆସିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ, ଗତ ୧୦ ଦିନରେ ଜିଲାରେ ମୋଟ ୧୩୬ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨ଜଣ ଶିଶୁ ଅଛନ୍ତି। ଆକ୍ରାନ୍ତ ଶିଶୁଙ୍କ ମଧ୍ୟରେ ୧୦ ପୁଅ ଓ ୧୨ ଝିଅ ରହିଛନ୍ତି। ଚଳିତ ମାସ ୧୭ଠାରୁ ୨୭ ତାରିଖ ୧୦ ଦିନର ସଂକ୍ରମଣ ରିପୋର୍ଟକୁ ଆଧାର କରି ଏହି ରିପୋର୍ଟ ପ୍ରଦାନ କରାଯାଇଛି।

ଚଳିତ ମାସ ୨୮ ତାରିଖ ସୁଦ୍ଧା ଜିଲାରେ ମୋଟ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୫ ହଜାର ୯୯୭ ଛୁଇଁଥିବା ବେଳେ ୧୩୩ ସକ୍ରିୟ ମାମଲା ରହିଛି। ଅପରପକ୍ଷେ ବର୍ତ୍ତମାନ ସୁଦ୍ଧା ଜିଲାରେ ୨୫ ହଜାର ୭୩୪ ଜଣ ଆରୋଗ୍ୟଲାଭ କରିଥିବା ବେଳେ ୧୩୦ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

# ତାର ଚୋରି: ଜଣେ ଗିରଫ

ବାଙ୍ଗିରିପୋଷି,୩୦।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକର ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ନିକଟସ୍ଥ ବୁଢ଼ାବଳଙ୍ଗ ନଦୀତଟରେ ନିର୍ମାଣ ହେଉଥିବା ମେଗା ଜଳ ପ୍ରକଳ୍ପ ପାଇଁ ଆସିଥିବା ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଚାଉଳଘୋରୀ ଗ୍ରାମର ବିକାଶ କୁମାର ବିନ୍ଧାଣୀ। ତାଙ୍କ ପାଖରୁ ଚୋରି ହୋଇଥିବା ୧୦୦ ମିଟର ତାର ଜବତ କରାଯାଇଛି। ବାଙ୍ଗିରିପୋଷି ଥାନାରେ ମାମଲା (ନଂ.୧୯୯/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ପ୍ରକଳ୍ପ କାର୍ଯ୍ୟ ପାଇଁ ବିଭିନ୍ନ ସ୍ଥାନକୁ ବିଦ୍ୟୁତ୍ ତାର ଟଣାଯାଉଛି। ହିଜିଳିରୁ ସାରସପୋଷି ଗ୍ରାମ ନିକଟକୁ ଟଣାଯାଇଥିବା ତାରକୁ ବିକାଶଙ୍କ ସମେତ ଦୁଇଜଣ କାଟୁଥିବା ଜିଭିପିଆର୍ ମେଘା ପ୍ରକଳ୍ପ କମ୍ପାନୀର ରାତ୍ରି ଜଗୁଆଳି ନଳିନୀ କୁମାର ମହାନ୍ତ ଓ ଅନ୍ୟ ଜଣେ ସାଥୀ ଦେଖିଥିଲେ। ସେମାନେ ବିକାଶଙ୍କୁ କାବୁ କରିବା ସହ କିଛି ତାର ଏବଂ ଏକ ବାଇକ୍ ଅଟକ ରଖିଥିଲେ। ପରେ ବାଙ୍ଗିରିପୋଷି ପୋଲିସ ବିକାଶଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟ ଜଣେ ଫେରାର ଥିବା ପୋଲିସ କହିଛି।

# ଶାରଦୀୟ ପୂଜା ପାଇଁ ମାଟି ଉଠିଲା


ଢେଙ୍କିକୋଟରେ ମାଟି ପୂଜା ବେଳେ ଉପସ୍ଥିତ କମିଟି ସଦସ୍ୟ।

ଢେଙ୍କିକୋଟ/କୁଳିଅଣା, ୩୦।୮(ଡି.ଏନ.ଏ.)

ପବିତ୍ର ଜନ୍ମାଷ୍ଟମୀରେ ସବୁ ବର୍ଷ ପରି ସୋମବାର ମଧ୍ୟ ଢେଙ୍କିକୋଟ ଦେବୀମଣ୍ଡପ ଦୁର୍ଗାପୂଜା କମିଟି ତରଫରୁ ମା’ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ଯଥାବିଧି ପୂଜାର୍ଚ୍ଚନା କରାଯାଇ ମାଟି ଉଠାଯାଇଛି। କୋଭିଡ କଟକଣା ମାନି ନୀତି ନିୟମ ଅନୁଯାୟୀ ପୂଜା କମିଟିର ପୁରୁଣା ତଥା ସଂକଳ୍ପଧାରୀ ପୁରାଧା ବୈଲୋଚନ ବେହେରାଙ୍କ ତତ୍ତ୍ୱାବଧାନରେ ସକାଳ ୧୦ ଟାରେ କମିଟିର ସଭାପତି ଚିତ୍ତରଞ୍ଜନ ସାହୁ, ଉପଦେଷ୍ଟା ଉତ୍ତମ କୁମାର ନାୟକଙ୍କ ସମେତ ସମସ୍ତ ସଦସ୍ୟ ଯଥା ସମୟରେ ଦେବୀ ମଣ୍ଡପ ଠାରେ ଉପସ୍ଥିତ ଥିଲେ। ପୂଜକଙ୍କ ଦ୍ୱାରା ମା’ଙ୍କୁ ସ୍ମରଣ କରି ମେଢରେ ଧୂପ ଦୀପ ବନ୍ଦାପନା କରି ମାଆ ଙ୍କ ମୃଣ୍ମୟ ମୂର୍ତ୍ତି ପାଇଁ ମାଟି ପୂଜା ନିମିତ୍ତ ଯାଇଥିଲେ।

ସେହିପରି ମୟୂରଭଞ୍ଜ ଜିଲା କୁଳିଅଣା ଦୁର୍ଗା ପୂଜା କମିଟି ପକ୍ଷରୁ ମା’ ଦୁର୍ଗାଙ୍କ ମୂର୍ତ୍ତି ତିଆରି ପାଇଁ ମାଟି ପୂଜନ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତିଙ୍କ ସହ ପୂଜକ ବୀରବର ମିଶ୍ର, କର୍ତ୍ତା ମୃତ୍ୟୁଞ୍ଜୟ ସିଂହ ଏବଂ ସଦସ୍ୟମାନେ କାମତା ନିକଟସ୍ଥ ମାଟିହଣାଠାରେ ମାଟି ପୂଜା କରିଥିଲେ। ଏହାପରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଲାଗି ମଣ୍ଡପକୁ ମାଟି ଅଣାଯାଇଥିଲା। ଶ୍ରୀନାଥ ବେହେରା, ସରୋଜ ପଟ୍ଟନାୟକ, ଅଶୋକ ସାହୁ, ହରିଶ ମାଝି, କୈଳାସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମାଷ୍ଟମୀ ପାଳିତ

ଭଣ୍ଡାରିପୋଖରୀ/ପାଟଣା, ୩୦।୮ (ଡି.ଏନ.ଏ/ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ରାଧାଗୋବିନ୍ଦ ଧାମରେ ସୋମବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ରାମଚନ୍ଦ୍ର ମହାନ୍ତି, ସ୍ନେହଲତା ମହାନ୍ତି, ଭକ୍ତହରି ରାଉତ, ଆନନ୍ଦ ପଲାଇ, କ୍ଷୀରୋଦ ଦାସ, ବିପିନ ଦାସ, ବାସନ୍ତୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ଶାସନ ମଣ୍ଡପଠାରେ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥିଲା। ଗୌରଚନ୍ଦ୍ର ତ୍ରିପାଠୀ ଓ ନିତ୍ୟାନନ୍ଦ ଦାଶ ଦେବନୀତି ସମ୍ପନ୍ନ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

ବିଶୋଇ/ରାଇରଙ୍ଗପୁର, ୩୦।୮ (ଡି.ଏନ. ଏ)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଖଡ଼ମବେଡା ପଞ୍ଚାୟତ ପୁଣ୍ଡିଦା ଗ୍ରାମର ଯୁବରାଜ ହାଁସଦା ନାମକ ଯୁବକଙ୍କ ସୋମବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଯୁବରାଜ ସକାଳ ପ୍ରାୟ ୮ ବେଳେ ଗ୍ରାମ ନିକଟସ୍ଥ ପୋଖରୀରେ ଗାଧୋଉଥିବା ବେଳେ ଗୋଡ଼ ଖସି ଯିବାରୁ ଗଭୀର ଜଳରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବିଶୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଶୋଇ ଥାନା ଏଏସ୍‌ଆଇ ବିନାୟକ ବେହେରା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁରକୁ ପଠାଇଥିଲେ। ଏନେଇ ବିଶୋଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୭/୨୧) ରୁଜୁ ହୋଇଛି।

# ଅସ୍ତିତ୍ୱ ବଞ୍ଚାଇବାକୁ ଭାଜପାର ଉଦ୍ୟମ

ସାରସକଣା,୩୦।୮(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ସାରସକଣା ନିର୍ବାଚନମଣ୍ଡଳୀ ଦୀର୍ଘଦିନ ଧରି ବିଜେଡିର ଗଡ଼ ଥିଲା। ୨୦୧୭ ଜିଲା ପରିଷଦ ନିର୍ବାଚନ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ଜିଲାରୁ ୬ ବିଧାୟକ ଏବଂ ଜଣେ ଏମ୍‌ପି ବିଜୟଲାଭ ପରେ ମୟୂରଭଞ୍ଜ ଭାଜପାମୟ ହୋଇଥିଲା। ତିନିଦିନ ପୂର୍ବରୁ ଜିଲା ପରିଷଦ ସଭ୍ୟଙ୍କ ମଧ୍ୟରୁ ୧୫ଜଣ ନିଜ ଇସ୍ତଫା ପତ୍ର ଭାଜପା ରାଜ୍ୟ ସଭାପତିଙ୍କୁ ପଠାଇବା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ସାରସକଣା ବ୍ଲକର ୫୫ ନଂ. ଜୋନ୍ ଭାଜପା ଜିଲା ପରିଷଦ ସଦସ୍ୟ ରବି ନାଏକ ଏବଂ ୫୬ ନଂ. ଜୋନ୍ ଜିଲା ପରିଷଦ ଆସନ ସ୍ୱାଧୀନ ଭାବେ ସ୍ୱର୍ଗତ ଭୁବନେଶ୍ୱର ମହାନ୍ତ ବିଜୟଲାଭ କରିଥିଲେ। ଗତବର୍ଷ ମହାନ୍ତଙ୍କ ଦେହାନ୍ତ ପରେ ଉପନିର୍ବାଚନ କରାଯାଇ ବିଜେଡି ସମର୍ଥିତ ପ୍ରାର୍ଥୀ ତୁଷାରେନ୍ଦୁ ଶେଖର ମହାନ୍ତ ବିଜୟୀ ହୋଇଥିଲେ। ଜିଲା ପରିଷଦ ସଭ୍ୟ ରବି ମଧ୍ୟ ଇସ୍ତଫାପତ୍ର ପଠାଇଦେବା ପରେ ରବିବାର ରାତିରେ ସାରସକଣା ଅଞ୍ଚଳକୁ ଭାଜପା ବିଧାୟକଙ୍କ ସମେତ ଜିଲା ସଭାପତି ଏବଂ ଅନେକ ନେତାଙ୍କ ସୁଅ ଛୁଟିଥିଲା। ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ପ୍ରକାଶ ମଢେଇ, ଜିଲା ସଭାପତି କାନ୍ଦ୍ରା ସୋରେନ, ପୂର୍ବତନ ଜିଲା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଆସିଥିଲେ। ସ୍ଥାନୀୟ ବିଧାୟକ ସାରସକଣାରେ ପହଞ୍ଚି ରବିଙ୍କୁ ଭେଟି ନ ପାରି ନିରାଶ ହୋଇ ଫେରିଥିଲେ। ଏନେଇ ପୂର୍ବତନ ଜିଲା ସଭାପତି ଏହା ବିଜେଡିର ଷଡ଼ଯନ୍ତ୍ର, ଯାହା କେବେ ସଫଳ ହେବ ନାହିଁ ବୋଲି କହିଛନ୍ତି। ରବିଙ୍କୁ ଡକାଇ ଧମକ ଦେବା ସହ ଲୋଭ ଦେଖାଇ ଦସ୍ତଖତ ନିଆଯାଇଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ଡା. ମୁର୍ମୁଙ୍କୁ ପଚାରିବାରୁ ସେ କିଛି କହି ନ ଥିଲେ।

# ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ ବୈଠକ

ବାରିପଦା ଅଫିସ,୩୦।୮

ବାରିପଦା ମୁର୍ଗାବାଡ଼ି ସ୍ଥିତ ପୂର୍ଣ୍ଣଚନ୍ଦ୍ର ସ୍ମୃତି ମାଧ୍ୟମିକ ଶିକ୍ଷା ଭବନଠାରେ ମୟୂରଭଞ୍ଜ ଜିଲାର ଅନୁଦାନ ପ୍ରତ୍ୟାଶୀ ତଥା ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଏକ ବୈଠକ ପ୍ରଧାନ ଶିକ୍ଷକ ବିଜୟ କୁମାର ଗିରିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ମୁଖପାତ୍ର ଜ୍ଞାନରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଜିଲାର ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଓ କର୍ମଚାରୀମାନେ ଏଥିରେ ଯୋଗଦେଇ ସରକାରଙ୍କ ନୀତିପୋଷଣର ବିଳମ୍ବ ଯୋଗୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ପାଇଁ ମତପ୍ରକାଶ କରିଥିଲେ। ଜିଲା ସମ୍ପାଦକ ଚିତ୍ତରଞ୍ଜନ ପଲତା ରାଜ୍ୟ ସଂଘ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଚଳିତମାସ ୯ରୁ ଆରମ୍ଭ କରାଯାଇଥିବା ଆନ୍ଦୋଳନରେ ୨୧୯ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ ନିମନ୍ତେ ପ୍ରଥମ ଦାବି ଭାବେ ଉପସ୍ଥାପନ କରାଯାଇଥିବା ସେ ପ୍ରକାଶ କରିଥିଲେ। ଆସନ୍ତା ମାସ ୧ରୁ ବିଧାନସଭା ସମ୍ମୁଖରେ ଉକ୍ତ ବର୍ଗର ଶିକ୍ଷକମାନଙ୍କ ଧାରଣା ଆରମ୍ଭ ହେବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ। ସମସ୍ତ ବିଦ୍ୟାଳୟରୁ ସର୍ବନିମ୍ନ ୨ ଜଣ ଶିକ୍ଷକ କିମ୍ବା କର୍ମଚାରୀ ଉକ୍ତ ଆନ୍ଦୋଳନରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ବୈଠକରେ ବାରିପଦା ବ୍ଲକ ଯୁଗ୍ମ ସମ୍ପାଦକ ଦିଲୀପ କୁମାର ଚକ୍ରବର୍ତ୍ତୀ, ଉପସଭାପତି ସୁରଥ ମଲ୍ଲିକ, ବୀରେନ୍ଦ୍ର ବେହେରା, ଜ୍ୟୋତିରଞ୍ଜନ ଗିରି, ରଘୁନାଥ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଭଦ୍ରକରେ ଭାଜପା ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି

ଭଦ୍ରକ ଅଫିସ, ୩୦।୮

ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ସିକନ୍ଦର ଅଲୀ ଭଦ୍ରକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲା ସଭାପତି ମହମ୍ମଦ ଅଲୀ ସବରଙ୍କ ନେତୃତ୍ୱରେ ବିଶାଳ ବାଇକ୍ ଶୋଭାଯାତ୍ରାରେ ସିକନ୍ଦର ଅଲୀଙ୍କୁ ସ୍ୱାଗତ କରି ପୁରୁଣାବଜାର, କଣ୍ଠାବଣିଆ, କଦମବେଢ଼ା ଦେଇ ସହର ପରିକ୍ରମା କରାଯାଇଥିଲା। ପରେ ଜିଲା ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ସେ ଉର୍ଦ୍ଦୁ ଏକାଡେମୀର ନିଷ୍କ୍ରିୟତା, ମଦ୍ରାସା ବୋର୍ଡରେ ଅନିୟମିତତା, ହାଜି କମିଟିର ନୀରବତା, ସଂଖ୍ୟାଲଘୁ ସମ୍ପ୍ରଦାୟ ମେଧାବୃତ୍ତିରୁ ବଞ୍ଚିତ ଆଦି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉଦାସୀନ ମନୋଭାବ କହି କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ମୋର୍ଚ୍ଚାର ଜିଲା କର୍ମକର୍ତ୍ତା ଚୟନ କରାଯାଇଥିଲା। ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ, ଡା. ପ୍ରଦୀପ ନାୟକ, ଯୁବମୋର୍ଚ୍ଚା ରାଜ୍ୟ ସୋସିଆଲ ମିଡିଆ ସଂଯୋଜକ ସୂର୍ଯ୍ୟବଂଶୀ ସୂରଜ, ଉପସଭାପତି ଅଶୋକ ପରିଜା, ଉଦୟ ନାରାୟଣ ମଲ୍ଲିକ, ଯୁବନେତା ସୁରେଶ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## ସୁରକ୍ଷା ଲୋଡ଼ିଲେ ୬ ଜିଲାପରିଷଦ ସଦସ୍ୟ

ବାରିପଦା ଅଫିସ,୩୦।୮

ଭାଜପାରୁ ଇସ୍ତଫା ଦେଇଥିବା ସଦସ୍ୟମାନେ ସୁରକ୍ଷା ପାଇଁ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ୬ଜଣ ସଦସ୍ୟ ଲିଖିତ ଭାବେ ଏସପି କେ.ଆର ଦ୍ୟାନଦେଓଙ୍କ ନିକଟରେ ଫେରାଦ ହୋଇଛନ୍ତି । ଗତ ୨୭ତାରିଖରେ ଜିଲା ପରିଷଦ ବୈଠକରେ ଅସନ୍ତୋଷ ପ୍ରକାଶ କରି ୧୫ ସଦସ୍ୟ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ରବିବାର ୫ ଓ ସୋମବାର ଜଣେ ସଦସ୍ୟଙ୍କୁ ମିଶାଇ ୬ଜଣ ଘର ବାହୁଡା ହୋଇଛନ୍ତି। ଦଳ ପକ୍ଷରୁ ସଦସ୍ୟ ମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସେମାନଙ୍କୁ ପୁନର୍ବାର ଦଳକୁ ଫେରିଛନ୍ତି ।

# ଅଲ୍‌ଟ୍ରା ଏଣ୍ଡୁରାନ୍ସ ଦୌଡ଼ରେ ମାନସ ପ୍ରଥମ

ବନ୍ତ,୩୦।୮(ସ୍ୱ.ପ୍ର.)

ବାଙ୍ଗାଲୋରରେ ବେସିନ ସ୍ପୋର୍ଟ୍ସ କମ୍ପାନୀ ପକ୍ଷରୁ ଆୟୋଜିତ ନନ୍‌ଷ୍ଟପ ଅଲଟ୍ରା ଏଣ୍ଡୁରାନ୍ସ ଦୌଡ଼ ପ୍ରତିଯୋଗିତାରେ ଭଦ୍ରକ ଜିଲା ବନ୍ତ ବ୍ଲକର ମାନସ ରଞ୍ଜନ ଖିଲାର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୭୨ଘଣ୍ଟିଆ କ୍ୟାଟେଗୋରିରେ ୫୦ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ନନ୍‌ଷ୍ଟପ ଦୌଡ଼ି ୩୦୪ କି.ମି. ଅତିକ୍ରମ କରି ମାନସ ପ୍ରଥମ ହୋଇଥିଲେ। ୩ ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଆୟୋଜନ କରିଥିବା ସ୍ପୋର୍ଟ୍ସ କମ୍ପାନୀ ପକ୍ଷରୁ ତାଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ମାନସଙ୍କ ଘର ବନ୍ତ ବ୍ଲକର ଅଡାଳପଙ୍କ ଗ୍ରାମରେ। ସେ ଇଣ୍ଡିଆନ ନେଭିରେ ବିଶାଖାପାଟ୍‌ନମରେ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ୨୦୨୦ ମାର୍ଚ୍ଚରେ ଅଲଟ୍ରା ଇରୋମାନ ଆଥଲେଟିକରେ ୩୮୫ କି.ମି. ଦୌଡ଼ି ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିଲେ। ତାଙ୍କର ଏହି ସଫଳତା ଜିଲା ପାଇଁ ଗୌରବ ଆଣିଛି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।



ମେଡାଲ ଓ ପ୍ରମାଣପତ୍ର ସହ ମାନସ।

## କାନପୁର ପ୍ରକଳ୍ପକୁ ୨୦୦ କୋଟି ଅନୁଦାନ

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

କେନ୍ଦୁଝର, ୩୦।୮(ସ୍ୱ.ପ୍ର./ (ଡି.ଏନ. ଏ)

କେନ୍ଦୁଝର ଜିଲାର କାନପୁର ଜଳସେଚନ ପ୍ରକଳ୍ପର ଅଗ୍ରଗତି ନିମନ୍ତେ କ୍ୟାବିନେଟରେ ୨୦୦ କୋଟି ମଞ୍ଜୁର ହୋଇଛି। ଏହି ଅର୍ଥରେ ପ୍ଲାଷ୍ଟିକ କଙ୍କ୍ରିଟ ବନ୍ଧ ନିର୍ମାଣ ହେବ। ଏନେଇ ଜିଲାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବାସହ ସୋମବାର ଶ୍ରୀକ୍ଷେତ୍ର ହୋଟେଲରେ ବିଜେଡି ପକ୍ଷରୁ ଏକ ସଭା ଜିଲା ସଭାପତି ମାଧବ ସର୍ଦ୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ବିଧାୟକ ଭାଗୀରଥି ସେଠୀ,ଜଗନ୍ନାଥ ମହାନ୍ତ, ମିନାକ୍ଷୀ ମହାନ୍ତ, ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

# ୫ ମାସରେ ୫୮୦ ଗିରଫ

ବାରିପଦା ଅଫିସ,୩୦।୮

### ବେଆଇନ ମଦ କାରବାର

ମୟୂରଭଞ୍ଜ ଜିଲା ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ କାରବାରରେ ରୋକ ଲଗାଇବା ପାଇଁ ବ୍ୟାପକ ଚଢ଼ାଉ ଜାରି ରହିଛି। ଗତ ଏପ୍ରିଲ ମାସଠାରୁ ଅଗଷ୍ଟ ମାସ ମଧ୍ୟରେ ୭୮୪ଟି ମାମଲା ରୁଜୁ ହୋଇଥିବା ବେଳେ ୫୮୦ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୩କୋଟି ୪୨ଲକ୍ଷ ୯୧ହଜାର ୭୧୨ଟଙ୍କାର ମଦ ଓ ରନ୍ଧା ସାମଗ୍ରୀ ଜବତ ହୋଇଥିବା ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ମୟୂରଭଞ୍ଜ ଜିଲା ସୀମାନ୍ତରେ ବେଆଇନ ମଦ କାରବାର ଓ ନକଲି ମଦ ପ୍ରସ୍ତୁତିକୁ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ନୂତନ ଭାବେ ଯୋଗଦାନ କରିଥିବା ଅବକାରୀ ଏସ୍‌ପି ଅଶୋକ ସେଠ୍‌ଙ୍କ ନିର୍ଦ୍ଦେଶ କ୍ରମେ ବିଭାଗୀୟ କର୍ମଚାରୀମାନେ ଜିଲାରେ ଚଢ଼ାଉ ଆରମ୍ଭ କରିଛନ୍ତି। ଦେଶୀ ମଦ ୧୨ହଜାର ୫୯୯ଲିଟର, ମହୁଲି ପୋଚ ୨୦୪୪କୁଇଣ୍ଟାଲ ୬୦କିଲୋ, ମହୁଲ ଫୁଲ ୭ହଜାର ୯୭୪ କିଲୋ, ବିଦେଶୀ ମଦ ୩୫୪ଲିଟର, ବିଅର ୫୧୩ ଲିଟର, ସ୍ପିରିଟ ୧୫୫ଲିଟର, ନକଲି ବିଦେଶୀ ମଦ ୧୧୮ଲିଟର, ନକଲି ବିଅର ୧୦ଲିଟର, ଚାରି ଓ ତିନିଚକିଆ ଯାନ ୭ଟି, ବାଇକ୍ ୨୪ଟି, ବ୍ରାଉନ ସୁଗର ୫୦ଗ୍ରାମ, ସାଇକେଲ ୨ଟି ଓ ଆଲୁମିନିୟମ ରନ୍ଧା ସାମଗ୍ରୀ ୪୪ଟି ଜବତ ହୋଇଛି । ଅଣଓଡ଼ିଆଙ୍କ ଦ୍ୱାରା ଜିଲାରେ ବେଆଇନ ମଦ କାରବାର ହେଉଥିବା ବେଳେ ନକଲି ମଦ ପ୍ରସ୍ତୁତକାରୀମାନେ ଖୁଲମଖୁଲା ମଦ ପ୍ରସ୍ତୁତି ଚଳାଇଛନ୍ତି। ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି । ଜିଲାରେ ୮୬ଟି ଠିପିବନ୍ଦ ବିଦେଶୀ ମଦ ଦୋକାନ, ୧୪ଟି ବାର୍ ଓ ୩୦ଟି ଦେଶୀ ମଦ ଭାଟି ଚାଲୁରହିଛି । ଅବଶିଷ୍ଟ ୧୪ଟି ଭାଟିକୁ ଲାଇସେନ୍ସ ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯାଉଛି। ଏଥିରୁ ପ୍ରତିବର୍ଷ ୩୦କୋଟି ଟଙ୍କାର ରାଜସ୍ୱ ଆଦାୟ ହେଉଥିବା ବେଳେ ଚଳିତ ବର୍ଷ ୩୫କୋଟି ଟଙ୍କା ରାଜସ୍ୱ ଆଦାୟ ପାଇଁ ବିଭାଗକୁ ଟାର୍ଗେଟ ଦିଆଯାଇଛି। ଫଳରେ ବିଭାଗ ପକ୍ଷରୁ ବେଆଇନ କାରବାରକୁ ରୋକିବା ସହିତ ଅଧିକ ରାଜସ୍ୱ ଆଦାୟ ପାଇଁ ଚେଷ୍ଟା ଜାରି ରହିଛି ।

